## ଚିପୁରୁପଲ୍ଲୀ ଶ୍ରୀନିବାସଙ୍କୁ 'ସୁରେଶ ସମ୍ମାନ' ପ୍ରଦାନ

# 'ସ୍ପଷ୍ଟବାଦୀ, ନିଷ୍ଠାପର ସାମ୍ବାଦିକତାର ପ୍ରତୀକ ଥିଲେ ସୁରେଶ'

ରାୟଗଡ଼ା,୬।୧(ସମିସ)



ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ହେଉଛି ଜାଗ୍ରତ ପ୍ରହରୀ। ଲୋକପ୍ରତିନିଧୀଙ୍କୁ ନିଜ ଦାୟିତ୍ୱ ମନେପକାନ୍ତି ସାମ୍ବାଦିକ ବୋଲି ଶନିବାର ସୁରେଶ ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି ମତବ୍ୟକ୍ତ କରିଛନ୍ତି। ଶନିବାର ସହର ଉପଖଣ୍ଡ ପିତାମହଲ ସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ 'ସୁରେଶ ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲିଲିପୁଟ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସ୍ନେହା ପାଢ଼ୀ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ ପାଢ଼ୀ, ଗୋପିନାଥ ପାଢ଼ୀ ଓ ସତ୍ୟବାଦୀ ପତି ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମହାନ୍ତି ସ୍ୱର୍ଗତ ସାମ୍ବାଦିକ ସୁରେଶ ପାଢ଼ୀଙ୍କ ସ୍ମୃତିଚାରଣ କରିବା ସହ ଦିବଂଗତ ସାମ୍ବାଦିକ ସୁରେଶଙ୍କ ପିଲାବେଳ ଶିକ୍ଷାଦାନ ସମୟ ସମ୍ପର୍କରେ ମନେ ପକାଇ ତାଙ୍କ ବ୍ୟକ୍ତିତ୍ୱକୁ ନେଇ ସଭାରେ ଉଦବୋଧନ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ ସୁରେଶ ନିର୍ଭୀକ, ନିଷ୍ଠାପର ଓ ସମର୍ପିତ ଭାବେ ସାମ୍ବାଦିକ ପେଶାରେ ସମାଜରେ ଏକ ଉନ୍ନତ ଉଦାହରଣ ସୃଷ୍ଟି କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଖବର କାଗଜ ବ୍ୟାବସାୟିକ ସଂସ୍ଥା ଭଳି କାର୍ଯ୍ୟ କରୁଥିବାବେଳେ ମାଲିକଙ୍କ ପାଇଁ କାମ ନ କରି ଲୋକଙ୍କ ପାଇଁ ସୁରେଶ କାର୍ଯ୍ୟ କରି ଜିଲ୍ଲାରେ ସ୍ୱନାମ ହାସଲ କରିଥିବା ଶିକ୍ଷାବିତ ଡ. ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅନୁରୂପ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ତଥା ଦିବଂଗତ ସାମ୍ବାଦିକଙ୍କ ବଡ଼ଭାଇ ଡ. ପାଢ଼ୀ ସଭାରେ ସ୍ୱର୍ଗତ ସୁରେଶଙ୍କ କାର୍ଯ୍ୟଶୈଳୀଗୁଡ଼ିକୁ ମନେପକାଇ ଭାବପ୍ରବଣ ହୋଇଥିଲେ। ତେବେ ଚଳିତ ବର୍ଷ ରାୟଗଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଦୈନିକ ତେଲୁଗୁ ଲୋକପ୍ରିୟ ଖବରକାଗଜରେ କାର୍ଯ୍ୟରତ ଚିପୁରୁପଲ୍ଲୀ ଶ୍ରୀନିବାସ ରାଓଙ୍କୁ ସୁରେଶ ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ରାଓ ସାମ୍ବାଦିକତା ପେଶା ଆପଣାଇ ସାଧାରଣ ଲୋକଙ୍କ ସ୍ୱରକୁ ନିଜ ଲେଖନୀ ମାଧ୍ୟମରେ ଶାଣିତ କରି ନିଚ୍ଛକତା ସହିତ ସମାଜ କଲ୍ୟାଣଧର୍ମୀ ଖବର ପରିବେଷଣ କରି ସେ ବୃତ୍ତିଗତ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବାରୁ ତାଙ୍କୁ ଆଜି ଏହି ସମ୍ମାନ ପ୍ରଦାନ କରାଯାଇଥିବା ସୁରେଶ ମେମୋରିଆଲ ଟ୍ରଷ୍ଟ ତରଫରୁ ସୂଚନା ମିଳିଛି। ଶ୍ରୀ ରାଓଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ଓ ଆର୍ଥିକ ପୁରସ୍କାର ରାଶି ୫ହଜାର ଟଙ୍କା ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଦିବଂଗତ ସୁରେଶ ପାଢ଼ୀ ସାଲିସବିହୀନ ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ସମଗ୍ର ଜିଲ୍ଲାରେ ପରିଚିତ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ନିରପେକ୍ଷ ଓ ସ୍ପଷ୍ଟବାଦୀ ଆଚରଣ ଓ ନିଚ୍ଛକ ଲେଖନୀ ଯୋଗୁଁ ସେ ଦୈନିକ ଖବର କାଗଜ ସମାଜରେ ଖବର ପରିବେଷଣ କରି ଜନାଦୃତ ହୋଇଥିଲେ। ତାଙ୍କର ତିରୋଧନ ସ୍ମୃତିରେ ସୁରେଶ ମେମୋରିଆଲ ଟ୍ରଷ୍ଟ ତରଫରୁ ଜିଲ୍ଲାରେ ସାମ୍ବାଦିକତା ବୃତ୍ତିରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ପ୍ରତିବର୍ଷ ସମ୍ମାନିତ କରାଯାଉଛି। ୨୦୧୯ରେ ବରିଷ୍ଠ ସାମ୍ବାଦିକ ଗୋପାଳ ଅଧିକାରୀ, ୨୦୨୦ରେ ସୀମାଞ୍ଚଳ ସାହୁ, ୨୦୨୧ରେ ବି.ନାଗରାଜୁ ଓ କେକେ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱର୍ଗତ ପାଢ଼ୀଙ୍କ ମାଆ ହରପ୍ରିୟା ପାଢ଼ୀ, ଉଷାରାଣୀ ମିଶ୍ର, ଇନ୍ଦ୍ରା ପାଢ଼ୀ, ଗୌରାଙ୍ଗ ବେବର୍ତାଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

## ବିଏସ୍‌ଏଫ୍ ତରଫରୁ ଜନସମ୍ପର୍କ ଶିବିର



**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ପିପଲପଦର ୮୮ ବାଟାଲିୟନ ବିଏସ୍‌ଏଫ୍ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଥାନା ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତ ଖରକାଗୁଡା ଗ୍ରାମଠାରେ ଏହି ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଏହି ଶିବିରକୁ ଅତିରିକ୍ତ କମାଣ୍ଡାଣ୍ଟ କୃଷ୍ଣଚନ୍ଦ୍ର ନିଆଲ, କମାଣ୍ଡାଣ୍ଟ ଅନିଲ ଚୌହାନ ପରିଚାଳନା କରିଥିଲ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଜଣ ଆଦିବାସୀ ଜନସାଧାରଣ ଯୋଗ ଦେଇଥିବାବେଳେ ମାଓ ପ୍ରଭାବିତ ଅଞ୍ଚଳ ହୋଇଥିବା ନାକାମାମୁଡ଼ି ପଞ୍ଚାୟତରେ ଏପରି ଜନସମ୍ପର୍କ ଶିବିର କରିବା ଦ୍ୱାରା ଜନସାଧାରଣ ଓ ବିଏସ୍‌ଏଫ୍ ବାହିନୀ ମଧ୍ୟରେ ସମ୍ପର୍କ ଭଲ ରହିବ ଏବଂ ବିଏସ୍‌ଏଫ୍ ବାହିନୀ ଜନସାଧାରଣଙ୍କୁ ସୁରକ୍ଷା ଦେବା ସହ ଉନ୍ନତିମୂଳକ କାର୍ଯ୍ୟରେ ସହାୟକ ହେବେ ଏବଂ ନିଜ ନିଜ ଗ୍ରାମର ଉନ୍ନତି ମଧ୍ୟ ଘଟିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲ। ଏହି ଉପଲକ୍ଷେ ଆଦିବାସୀମାନଙ୍କ ଉଚ୍ଚଶିକ୍ଷା, ଉତମ ସ୍ୱାସ୍ଥ୍ୟ ସମ୍ବନ୍ଧରେ କହିବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲ। ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଶାଢ଼ି, ଘର ଉପକରଣ ସାମଗ୍ରୀ, ଷ୍ଟିଲ୍ ଗ୍ଲାସ, ଛୋଟ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍, ଯୁବକମାନଙ୍କୁ ଫୁଟବଲ, ଭଲିବଲ, କ୍ରିକେଟ ବ୍ୟାଟ୍, ବଲ, ଯୁବତୀମାନଙ୍କୁ ଡିଆଁ ଦୌଡ଼ି ପ୍ରଭୃତି ଖେଳ ସାମଗ୍ରୀ ପ୍ରଦାନ କରିଥିଲେ।

## ବାଟପଡ଼ାରୁ ୬ ଫୁଟ ଲମ୍ବର ଅଜଗର ଉଦ୍ଧାର



**ଚନ୍ଦାହାଣ୍ଡି, ୬।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ବାଟପଡ଼ା ଗ୍ରାମ ନିକଟସ୍ଥ ଏକ ଜମିରୁ ୬ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଅଜଗର ସାପକୁ ଦେଖି ଗ୍ରାମର କିଛି ଯୁବକ ରୁଣ୍ଡ ହୋଇଥିଲେ। ସେହି ସମୟରେ ଜମାଦାରପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ପଟେଲ ଯିବା ବେଳେ ଅଜଗର ସାପ ଦେଖି ଉଦ୍ଧାର ପାଇଁ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦାହାଣ୍ଡି ଫରେଷ୍ଟର ବିପିନ ଚନ୍ଦ୍ର ହରିଜନ ବିଭାଗୀୟ କର୍ମଚାରୀଙ୍କୁ ନେଇ ବାଟପଡ଼ାରୁ ଅଜଗରକୁ ଉଦ୍ଧାର କରି ପାନାବେଡା ରିଜର୍ଭ ଫରେଷ୍ଟରେ ଛାଡ଼ିଛନ୍ତି।

## ବାଇକ ଲୁଟେରା ଗ୍ୟାଙ୍ଗକୁ କାବୁକଲା ରାୟଗଡ଼ା ପୁଲିସ

# ୫ ମୋଟର ସାଇକଲ ଜବତ; ୩ ଗିରଫ



ରାୟଗଡ଼ା,୬।୧(ସମିସ): ବାଇକ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି ରାୟଗଡ଼ା ପୁଲିସ। ମୋଟର ସାଇକଲ ଚୋରି ମାମଲାରେ ପୁଲିସକୁ ମିଳିଛି ସଫଳତା। ପୁଲିସ ଦ୍ୱାରା ୫ଟି ଚୋରି ମୋଟର ସାଇକଲ ଜବତ କରାଯାଇଥିବାବେଳେ ୩ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। କାଶୀପୁର ବ୍ଲକ୍ ଅଣ୍ଡିରାକାଞ୍ଚି ଥାନା ଅନ୍ତର୍ଗତ ଝୋଡିଆପଦର ଗ୍ରାମର ହିରଣ ନାୟକ ନିଜର ମୋଟର ସାଇକଲ ଚୋରି ସମ୍ପର୍କରେ କିଛି ଦିନ ତଳେ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ଭିତ୍ତିକରି ଥାନାଧିକାରୀ କେକେବିକେ କହଁରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଚୋରି ମୋଟର ସାଇକଲକୁ ଉଦ୍ଧାର କରିବା ସହ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି। ଶେଷଖାଲ ଥାନା ଅଞ୍ଚଳର ଡିଶାରୀଗୁଡ଼ା ଗ୍ରାମର ଭୁବନ ପ୍ରଧାନୀ କିଛି ଗାଡ଼ି ଚୋରି କରି ନିଜ ପାଖରେ ରଖିଛି। ତୁରନ୍ତ ପୁଲିସ ଭୁଷଣଙ୍କୁ କାବି କରିବା ସହ ତାକୁ ପଚରାଉଚରା କରିବା ପରେ ଆଉ ଦୁଇ ଜଣ ତାଙ୍କ ସାଥିରେ ଗାଡ଼ି ଚୋରିରେ ସାମିଲ ଥିବା ସ୍ୱୀକାର କରିଥିଲେ। ଭୁଷଣର ସୂଚନା ଅନୁଯାୟୀ, ପୁଲିସ କଲ୍ୟାଣସିଂହପୁରର ଅକ୍ଷୟ ଗରଡିଆ ଏବଂ ଆଡ଼ବାଡ଼ି ଗ୍ରାମର ରବି କୌଶଲ୍ୟାକୁ ପୁଲିସ ଗିରଫ କରିଥିଲା। ଏମାନଙ୍କଠାରୁ ପୁଲିସ ୫ଟି ମୋଟର ସାଇକଲ ଜବତ କରିଛି। ଭୁଷଣଠାରୁ ଦୁଇଟି ମୋଟର ସାଇକଲ, ଅକ୍ଷୟଠାରୁ ଦୁଇଟି ମୋଟର ସାଇକଲ ଏବଂ ରବିଠାରୁ ଗୋଟିଏ ମୋଟର ସାଇକଲ ପୁଲିସ ଉଦ୍ଧାର କରିଥିବା ଜଣାପଡ଼ିଛି। ଉକ୍ତ ମାମଲାରେ ତିନି ଜଣ ଆସାମୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ଇନ୍ଦ୍ରାବତୀରେ ମହାବିଦ୍ୟାଳୟ ଶୁଭାରମ୍ଭ ନିଷ୍ପତ୍ତି; ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା

**ତେନ୍ତୁଲିଖୁଣ୍ଟି,୬।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରାବତୀରେ ଚଳିତ ୨୦୨୪ ଶିକ୍ଷା ବର୍ଷରୁ +୩ ମହାବିଦ୍ୟାଳୟ ଶୁଭାରମ୍ଭ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ, ରାଇଘର ଇତ୍ୟାଦି ୪ଟି ବ୍ଲକ୍ ସମେତ ରାଜ୍ୟର ୭ଟି ଜିଲ୍ଲାର ସମୁଦାୟ ୧୮ ବ୍ଲକରେ +୩ ମହାବିଦ୍ୟାଳୟର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରାବତୀରେ ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ +୨ ମହାବିଦ୍ୟାଳୟର ଶୁଭାରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ତେବେ ପିତାଙ୍କ ପଦାଙ୍କ ଅନୁସରଣ କରି ବିଜୁ ବାବୁଙ୍କ ସୁପୁତ୍ର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରି +୩ ମହାବିଦ୍ୟାଳୟ ଶୁଭାରମ୍ଭ ପୂର୍ବକ ଚଳିତ ଶିକ୍ଷା ବର୍ଷରୁ +୩ କଳା ବିଭାଗରେ ୬୪ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଚଳିତ ୨୦୨୪ ଜାନୁୟାରୀ ୪ ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାକ୍ଷରରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଇନ୍ଦ୍ରାବତୀରେ ୧୯୯୦ ମସିହାରୁ ସ୍ଥାପିତ +୨ ବିଜ୍ଞାନ ବିଭାଗରେ ୧୨୮ ଜଣ ଛାତ୍ରଛାତ୍ରୀ ଓ +୨ କଳା ବିଭାଗରେ ୨୫୬ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରି ଉପକୃତ ହେଉଥିବା ବେଳେ ବର୍ତ୍ତମାନ +୩ କଳା ବିଭାଗରେ ୬୪ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଇନ୍ଦ୍ରାବତୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। +୨ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ପ୍ରାୟ ୧୭ ଏକର ସମତଳ ଭୂମି ଯୋଗାଇ ଦିଆଯାଇଥିବାବେଳେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ୨୦୦ ଆସନ ବିଶିଷ୍ଟ ଛାତ୍ରାବାସ ନିର୍ମିତ ହୋଇଛି। ବର୍ତ୍ତମାନ ଆଉ ୨୦୦ ଆସନ ବିଶିଷ୍ଟ ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ନିର୍ମାଣ ଚାଲିଛି। ପ୍ରସ୍ତାବିତ+୩ ମହାବିଦ୍ୟାଳୟ ଶୁଭାରମ୍ଭ ନିମନ୍ତେ+୨ ବିଦ୍ୟାଳୟ କୋଠରୀ ବିନିଯୋଗ ପୂର୍ବକ ଆରମ୍ଭ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାରଙ୍କ ଏହି ଯୁଗାନ୍ତକାରି ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସମସ୍ତେ ସ୍ୱାଗତ କରିଛନ୍ତି। ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁନା ଖାନ, ବିଧାୟକ ସଦାଶିବ ପ୍ରଧାନୀ, ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବରିଷ୍ଠ ରାଜନୀତିଜ୍ଞ ତଥା ସମାଜସେବୀ ନାରାୟଣ ପାତ୍ର, ତେନ୍ତୁଲିଖୁଣ୍ଟି ବ୍ଲକ୍ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଗ୍, କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନୀ, ବିଜେପି ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୌରୀଶଙ୍କର ମାଝୀ, ଜୟ ତେନ୍ତୁଲିଖୁଣ୍ଟି ମାନବ ସେବା ଗ୍ରୁପ ସଭାପତି ଅଖିଳ ଭତ୍ରା, ଇନ୍ଦ୍ରାବତୀ ସ୍ଥିତ ଗୋପାଳ ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ଗୋପାଳ କୃଷ୍ଣ ଭଞ୍ଜ, ବଣିକ ସଂଘ ସଭାପତି ଏସ. ମୃତ୍ୟୁଞ୍ଜୟ ପାତ୍ର, ସମାଜସେବୀ ସୁରେନ୍ଦ୍ର ନାଥ ରାଉତ, +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ବରାଳ ସମିତି ସଭ୍ୟ ସୁଧୀର ଖୁରା, ସରପଞ୍ଚ ବନ୍ଦିତା ନାୟକ, ସୁକାନ୍ତି ମହାନ୍ତି ପ୍ରମୁଖ ସ୍ୱାଗତ କରିଛନ୍ତି।

# ଡ୍ରାଇଭର ସଂଘର ଆନ୍ଦୋଳନ ସ୍ଥଗିତ; ପରିବହନ ସେବା ସ୍ୱାଭାବିକ




**ରାୟଗଡ଼ା,୬।୧(ସମିସ):** ସ୍ଥଗିତ ରହିଲା ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ। ରାଜ୍ୟ ମହାସଂଘ ଡକାରା କ୍ରମେ ଶନିବାରଠାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ରବିବାରଠାରୁ ପୁଣି ଡ୍ରାଇଭରମାନେ ଗାଡ଼ି ଚଢ଼ିବେ ଏବଂ ପରିବହନ ସେବା ସ୍ୱାଭାବିକ ହେବ ବୋଲି ରାୟଗଡ଼ା ଜିଲ୍ଲା ଶାଖା ସଭାପତି ଜିତେନ୍ଦ୍ର କୁମାର ନାୟକ ପ୍ରକାଶ କରିଛନ୍ତି। ଗତ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଥିଲେ ଓଡ଼ିଶା ଡ୍ରାଇଭର ମହାସଂଘ। ତେବେ ରାଜ୍ୟ ସରକାର ସଂଘର ଦାବିକୁ ନେଇ ଆଲୋଚନା କରିବା ପରେ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ କୁହାଯାଇଥିବାବେଳେ ଭାରତ ସରକାରଙ୍କ ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ରେ ରଖାଯାଇଥିବା ନୂଆ ବର୍ଦ୍ଧିତ ଦଣ୍ଡ ବ୍ୟବସ୍ଥା ବିରୋଧରେ ଆସନ୍ତା ୧୫ଦିନ ମଧ୍ୟରେ କୌଣସି ସକାରାତ୍ମକ ନିଷ୍ପତ୍ତି ଗ୍ରହଣ କରାଯିବା ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ନେଇ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଶନିବାରରେ ଜିଲ୍ଲାପାଳ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନବେଳେ ରାୟଗଡ଼ା ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ଜିତେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସଦର ବ୍ଲକ୍ ଶାଖା ସଂଘ ସଭାପତି ବିରେନ୍ଦ୍ର ପ୍ରସାଦ ତୁରୁକ ଓ ସମ୍ପାଦକ ନବୀନ ହିଆଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନିମ୍ନମାନର କାମକୁ ନେଇ ଅଭିଯୋଗ

**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳାରେ ଥିବା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧୀନରେ ଥିବା ୟୁଟିଲିଟି ଅଫିସ ପରିସରରେ ଠିକା କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଜିଲ୍ଲାର ବାଲିମେଳା ଏନ୍‌ଏସିରେ ଥିବା ଏହି ଜଳ ବିଦ୍ୟୁତ କେନ୍ଦ୍ରର କାର୍ଯ୍ୟାଳୟର ସେକ୍ସନ ୟୁଟିଲିଟି ଅଫିସ ପରିସରରେ ନବୀକରଣ ଓ ମରାମତି ପାଇଁ ବିଗତ ଦିନରେ ଟେଣ୍ଡର ବାହାରିଥିଲା। ଏହି କାର୍ଯ୍ୟ ବାବଦକୁ ମୋଟ ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ଚିତ୍ତରଞ୍ଜନ ସରକାର ନାମକ ଠିକାଦାର ଟେଣ୍ଡର ପାଇଥିବା ବେଳେ ବର୍ତ୍ତମାନ ଏହି କାର୍ଯ୍ୟ ଜାରିରହିଛି। ତେବେ ସେଠାରେ ହେଉଥିବା କାର୍ଯ୍ୟର ମାନ ଅତ୍ୟାନ୍ତ ନିମ୍ନମାନର ଏବଂ କ୍ରସର ମେଟାଲ ବଦଳରେ ହାତବାଡ଼ିଆ ମେଟାଲ, ନିମ୍ନମାନର ସିମେଣ୍ଟ ଓ ବାଲି ବ୍ୟବହାର କରି କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି କାର୍ଯ୍ୟସ୍ଥଳରେ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀ ରହୁ ନଥିବାରୁ ଏହିପରି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାବ୍ୟତିତ ଏହି କାର୍ଯ୍ୟରେ ପ୍ରଶାସନ ନିୟମକୁ ଖୋଲା ଖୋଲି ଉଲଂଘନ କରି ୧୮ ବର୍ଷରୁ କମ ବୟସର ନାବାଳକଙ୍କୁ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଏନେଇ ବିଭାଗୀୟ ଅଧିକାରୀ ଉକ୍ତ ଠିକାଦାରଙ୍କୁ ଏକ ନୋଟିସ କରି ଉକ୍ତ ସିମେଣ୍ଟ ବ୍ୟବହାର ନ କରିବା ଏବଂ ୧୮ ବର୍ଷ ବୟସରୁ କମ୍ ଥିବା ଯୁବକଯୁବତୀଙ୍କୁ କାମରେ ନିୟଜିତ ନ କରିବାକୁ ତାଗିଦ କରିଛନ୍ତି। ହେଲେ ଏହା ସତ୍ତ୍ୱେ ମଧ୍ୟ ପୂର୍ବ ପରି ନିମ୍ନମାନର କାମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଭିକାରି ଚରଣ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, କାର୍ଯ୍ୟ ତଦାରଖ ପାଇଁ ଥିବା କନିଷ୍ଠ ଯନ୍ତ୍ରୀ ନାହାନ୍ତି। ଏହାର ତଦାରଖ ଦାୟିତ୍ୱ ତାଙ୍କର ହୋଇଥିବା ବେଳେ ଯନ୍ତ୍ରୀ ଆସିଲେ ତଦାରଖ କରିବେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, ସ୍ୱାସ୍ଥ୍ୟଗତ ଓ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଛୁଟିରେ ଅଛି। ଖୁବ୍‌ଶୀଘ୍ର ଉକ୍ତ କାର୍ଯ୍ୟସ୍ଥଳରେ ପହଞ୍ଚି ଏହାର ତଦାରଖ କରି ଅନିୟମିତତା ହୋଇଥିଲେ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ

ଉମରକୋଟ,୬।୧(ସମିସ)



ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ ସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ସହ ରାଜ୍ୟ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସହ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ହିତେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ହୋଇଥିବାବେଳେ ମିଶ୍ରଣ ପର୍ବରେ ଅନ୍ୟ ଦଳ ଛାଡ଼ି ଶତାଧିକ କର୍ମକର୍ତ୍ତା ବିଜେଡିରେ ଯୋଗଦେଇଛନ୍ତି। ଉମରକୋଟର ଖଲାସୀ ସଂଘର ସମସ୍ତ ସଭ୍ୟ ଓ ଉମରକୋଟ ପୌର ପରିଷଦର ବିଭିନ୍ନ ୱାର୍ଡର ଅନେକ ବ୍ୟକ୍ତି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ସାଂସଦ ରମେଶ ଚନ୍ଦ୍ର ମାଝୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ଦ୍ୱାରା ଉମରକୋଟ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବା ସହ ଆଗାମୀ ନିର୍ବାଚନରେ ଏହା ଦଳ ପାଇଁ ସାହାଯ୍ୟ କରିବ ବୋଲି ସାଂସଦ ରମେଶ ଚନ୍ଦ୍ର ମାଝୀ କହିଛନ୍ତି। ସେହିପରି ଉମରକୋଟ ପୌର ପରିଷଦରେ ହୋଇଥିବା ବିକାଶ ରାସ୍ତାଘାଟ, ବିଜୁ ପକ୍କା ଘର ଇତ୍ୟାଦି ସମସ୍ତଙ୍କୁ ମିଳିଛି। ବର୍ତ୍ତମାନ ବିଜେଡିରେ ଯୋଗଦେବା ପରେ ପୌରାଧକ୍ଷା ଓ ସାଂସଦଙ୍କୁ ସହଯୋଗ କରିବା ସହ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରିବୁ ବୋଲି ମିଶିଥିବା କର୍ମକର୍ତ୍ତା କହିଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଉମରକୋଟ ବ୍ଲକ୍ ସଭାପତି ମନୋଜ ଧଳ, ଉମରକୋଟ ଟାଉନ ସଭାପତି କୈଳାସ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ବେହେରା, ଦେବି ସିଂ, ବିରସିଂ ମାଝୀ, ପୂର୍ଣ୍ଣଚନ୍ଦ୍ର ବାଘ, ବିର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।




# ନାରାୟଣପାଟଣା ଓ ବନ୍ଧୁଗାଁରେ ହେବ ସରକାରୀ ଡିଗ୍ରୀ କଲେଜ

**କୋରାପୁଟ,୬।୧(ସମିସ):** ଆଦିବାସୀ ବହୁଳ ଉପାନ୍ତ ବନ୍ଧୁଗାଁ ଏବଂ ନାରାୟଣପାଟଣା ବ୍ଲକରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି। ଏକଦା ଏହି ଦୁଇ ବ୍ଲକ୍ ମାଓବାଦୀଙ୍କ ଗଡ଼ କୁହା ଯାଉଥିବାବେଳେ ରାଜ୍ୟ ସରକାରଙ୍କ ମାଓ ଦମନ ନୀତି ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଲୋକଙ୍କୁ ସାମିଲ କରିବା ପରେ ଅଞ୍ଚଳ ସମ୍ପୂର୍ଣ୍ଣ ମାଓ ମୁକ୍ତ ହୋଇଛି। ତେବେ ଉଭୟ ବ୍ଲକରେ ଡିଗ୍ରୀ ମହାବିଦ୍ୟାଳୟ ନଥିବାରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିଲେ। ଯୁକ୍ତ ୨ ଶେଷ କରିବା ପରେ ଛାତ୍ରଛାତ୍ରୀ ଯୁକ୍ତ ୩ ପଢିବାକୁ ଲକ୍ଷ୍ମୀପୁର, କୋରାପୁଟ ଏବଂ ରାୟଗଡ଼ା ଯିବାକୁ ପଡୁଥିଲା। ତେଣୁ ସ୍ଥାନୀୟ ଅଞ୍ଚଳବାସୀ ଓ ଲୋକ ପ୍ରତିନିଧିମାନେ ନାରାୟଣପାଟଣା ଏବଂ ବନ୍ଧୁଗାଁରେ ଡିଗ୍ରୀ କଲେଜ ସ୍ଥାପନା ପାଇଁ କିଛି ମାସ ପୁର୍ବରୁ '୫-ଟି' ଅଧ୍ୟକ୍ଷଙ୍କ ନିକଟରେ ଏହି ଦୁଇଟି ବ୍ଲକରେ ଡିଗ୍ରୀ କଲେଜ କରିବାକୁ ଅନୁରୋଧ କରିଥିଲେ। ଅଞ୍ଚଳବାସୀଙ୍କ ଅନୁରୋଧ ରକ୍ଷା କରି ପ୍ରତିଶ୍ରୁତି ମୁତାବକ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ ଡିଗ୍ରୀ କଲେଜ ସ୍ଥାପନା କରିବାକୁ ଘୋଷଣା କରିଥିବାରୁ ଅଞ୍ଚଳରେ ଖୁସୀର ଲହରୀ ଖେଳି ଯାଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ଏବଂ ବନ୍ଧୁଗାଁ ଭଳି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ଏକା ଥରେ ଦୁଇଟି ଡିଗ୍ରୀ କଲେଜ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଧନ୍ୟବାଦ ଜଣାଇଛନ୍ତି।



# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ






ଜୟପୁର,୬।୧(ସମିସ)

କୋରାପୁଟ ଜିଲ୍ଲା ଜୟପୁରଠାରେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ରଥପଡ଼ିଆ ଛକଠାରୁ ବାହାରି ସରକାରୀ ବସଷ୍ଟାଣ୍ଡ ଓ ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗଦେଇ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ଅବସରରେ ରାସ୍ତାରେ ହେଲମେଟ୍ ପିନ୍ଧିନଥିବା ୧୪ ଜଣ ବାଇକ୍ ଚାଳକଙ୍କ ଠାରୁ ୧୪ ହଜାର ଜରିମାନା ଆଦାୟ କରାଯିବା ସହ ୩୫ ଜଣଙ୍କୁ ହେଲମେଟ୍ ମାଗଣାରେ ପ୍ରଦାନ କରାଯାଇଥିଲା। ବାଇକ ଚଳାଇବା ସମୟରେ ହେଲମେଟ୍ ପିନ୍ଧିବା ନେଇ ସେମାନଙ୍କୁ ସଚେତନତା କରାଯାଇଥିଲା। ସେହିପରି ଭାରୀଯାନର ଚାଳକମାନଙ୍କୁ ସିଟ ବେଲ୍ଟ ପିନ୍ଧି ଗାଡ଼ି ଚଳାଇବା ନେଇ ସଚେତନ କରାଯାଇଥିଲା। ଜିଲ୍ଲା ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦରଥାନା ଅଧିକାରୀ ଇଶ୍ୱର ତାଣ୍ଡୀ, ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ଅତିରିକ୍ତ ପରିବନହନ ଅଧିକାରୀ ତପନ କୁମାର ବେଚ୍ଚି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ନାୟକ, ସହରର ଦୁଇଚକିଆ ଯାନ ବିକ୍ରେତା ମାଲିକ ନବୀନ ପଟେଲ, ଆଶିଷ ଅଗ୍ରୱାଲ, ଅମନ ଖୁରାନା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**ପାପଡ଼ାହାଣ୍ଡି:** ଶନିବାର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଜଟାବାଲ ପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ବାଇକ୍ ଚାଳକଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରିଥିଲେ। ଏଥିସହ ହେଲମେଟ୍ ପିନ୍ଧିଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ଧନ୍ୟବାଦ ଦେଇଥିଲେ। ସେହିପରି ଭାରୀଯାନ ଚଳାଉଥିବା ଚାଳକଙ୍କୁ ସିଟ୍ ବେଲ୍ଟ ପିନ୍ଧିବାକୁ ସଚେତନ କରାଇବା ସହ ସିଟ୍ ବେଲ୍ଟ ବାନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଏହି ସଚେତନ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

**ସୁନାବେଡ଼ା:** ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୱାଇଆରସି ୟୁନିଟ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରିବା ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଇଆରସି କାଉନସିଲର ଅଙ୍କୁରତା ନାୟକଙ୍କ ସମେତ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ସୁନାବେଡ଼ା ପୌର ପରିଷଦର ଟ୍ରାଫିକ ଛକଠାରେ ଆୟୋଜିତ ହୋଇଥିଲା। ଯେଉଁମାନେ ହେଲମେଟ୍ ପରିଧାନ କରିନଥିଲେ ସେମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାବେଡ଼ାର ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଥାନା ଅଧିକାରୀ ଦିଲ୍ଲୀପ କୁମାର ମାଝୀ, ଗୀତା ନାଗ, ମଞ୍ଜୁଳା ପ୍ରଧାନ ସମେତ ପୌରାଞ୍ଚଳର ଜନସାଧାରଣ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ କିଶୋର ସାହୁ, କଳ୍ପନା ନାୟକ, ଦେବଦତ୍ତ ମହାନ୍ତି, ପ୍ରଶାନ୍ତ ସାମଲ, ରାଜେଶ୍ୱର ପାଣିଗ୍ରାହୀ, ବିରବର ଭୂୟାଁ, ସନ୍ତୋଷ ସାମଲଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାଙ୍ଗି:** ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପୁକାଲି ଗ୍ରାମରେ ଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଜୁନିଅର ରେଡକ୍ରସ ଓ ଇକୋ କ୍ଲବର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପଶିଖା ବେହେରାଙ୍କ ନେତୃତ୍ୱରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ପୁକଲି ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ଅର୍ଜୁନ ଦାସ, ରେଡକ୍ରସ୍ ପରାମର୍ଶଦାତା ପିଣ୍ଟୁ ଦାଶ, ବରିଷ୍ଠ ଶିକ୍ଷକ ଜଗନ୍ନାଥ ସାହୁ, ନମିତା ଖରା, ସନାତନ ମହାରଣା, ସ୍ନେହଲତା ଭୂୟାଁ, ଅନ୍ନପୂର୍ଣ୍ଣା ଜାନୀ, ଭାସ୍କର ମହାରଣା, ଶିବପ୍ରସାଦ ସାମଲ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ମିଳିତ ଭାବେ ସଫଳ କରିଥିଲେ।

## ଗୋବିନ୍ଦପାଲ୍ଲୀରେ ସଡ଼କ ସୁରକ୍ଷା ସଚେତନତା

**ମାଥିଲି,୬।୧(ସମିସ):** ମାଲକାନଗିରି ଜିଲ୍ଲା ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋବିନ୍ଦପାଲ୍ଲୀଠାରେ ମାଲକାନଗିରି ଜିଲ୍ଲା ପରିବହନ କାର୍ଯ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ମାଲକାନଗିରି ଜହନ ପ୍ରତାପ କୁଲୁ, ସମ୍ମାନିତ ଅତିଥି ଭାବେ ମାଥିଲି ଥାନା ଉପନିରୀକ୍ଷକ ଖ୍ରୀଷ୍ଟ ସେବକ ବାଗ, ଟ୍ରାଫିକ ଉପନିରୀକ୍ଷକ ଦୀପକ କୁମାର ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନିତିଦିନିଆ ଘଟୁଥିବା ଦୁର୍ଘଟଣାର କାରଣ ଏବଂ ନିରାକରଣ ପାଇଁ ଅନେକ ଉପାଦେୟ କଥା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଶେଷରେ ଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତାକୁ ନେଇ ଏକ ନୃତ୍ୟ ପରିବେଷଣ କରିଥିଲେ।

## ଏଟିଏଲ୍ ମୋବାଇଲ ଟାୱାର ଉଦ୍‌ଘାଟିତ



**ଦୁର୍ଗୀ,୬।୧(ସମିସ):** ବିଷମକଟକ ବ୍ଲକ୍ ଦୁର୍ଗୀ ଠାରେ ଏଟିଏଲ ମୋବାଇଲ ଟାୱାର ଉଦ୍ଘାଟିତ ହୋଇଯାଇଛି। ସ୍ଥାନୀୟ ପଣ୍ଡାସାହିଠାରେ ନବ ନିର୍ମିତ ଏଟିଏଲ ମୋବାଇଲ ଟାୱାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ଜିଲ୍ଲା ବିଜେଡି ସଭାପତି ସୁଧୀର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା, ଅନିରୁଦ୍ଧ ବେହେରା, ଏଟିଏଲ୍ ଟାୱାରର ମ୍ୟାନେଜର ସ୍ୱପ୍ନସାଗର ଖଡୁଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଦୁର୍ଗୀ ଗ୍ରାମାଞ୍ଚଳରେ ବିଏସ୍ଏନ୍ଏଲ୍ ଓ ଜିଆଇଓ ମୋବାଇଲ ଟାୱାର ସ୍ଥାପନ ଅଛି। କିନ୍ତୁ ଅଦ୍ୟାବଧି ଚାଲୁ ନ ରହିଥିବା ଯୋଗୁଁ ଗ୍ରାମାଞ୍ଚଳ ବିକାଶରେ ବାଧା ସୃଷ୍ଟି ହେଉଥିଲା। ସୁଧୀର କୁମାର ଦାସ ବିଶେଷ କରି ଉପାନ୍ତ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବିକରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମାଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ଏଟିଏଲ୍ ଟାୱାର ସ୍ଥାପନ ହେଇ ଇଣ୍ଟରନେଟ୍ ଉପଲବ୍ଧି ହେବ। ବିଶେଷ କରି ଛାତ୍ରଛାତ୍ରୀ ଅନଲାଇନ୍ ମାଧ୍ୟମରେ ପଠନ କରିବା ଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟଗୁଡ଼ିକ ସମ୍ପାଦନା ହୋଇପାରିବ। ଏହି ଉନ୍ନୟନମୂଳକ ମନୋଭାବକୁ ଶ୍ରୀ ଦାସଙ୍କୁ ପ୍ରଶଂସା କରାଯାଇଛି।

## ଝିଅ ବାହା ପାଇଁ ଦାଦନ ଖଟିବାକୁ ଯାଇ ମୃତ୍ୟୁ

**ମୁନିଗୁଡ଼ା,୬।୧(ସମିସ):** ସରୁନି ଦାଦନ ଶ୍ରମିକର ଦୁଃଖ। ପୁଣି ଜଣେ ଶ୍ରମିକ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଥିବା ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଝିଅ ବାହାଘର ପାଇଁ ଅର୍ଥ ଯୋଗାଡ଼ ପାଇଁ ଦାଦନ ଖଟିବାକୁ ଯାଇ ଶେଷରେ ମୃତ୍ୟୁମୁଖରେ ପଡ଼ିଲେ ଅମ୍ବାଦଳା ପଞ୍ଚାୟତ କଦମ୍ବଗୁଡ଼ା ଗ୍ରାମର ୫୯ ବର୍ଷର ବୃଦ୍ଧ ଭୁବନେଶ୍ୱର କରକରିଆ।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ପଞ୍ଚାୟତ କଦମ୍ବଗୁଡ଼ା ଗ୍ରାମର ଭୁବନେଶ୍ୱର ଦୁଇ ପୁଅ, ତିନି ଝିଅ ଓ ସ୍ତ୍ରୀକୁ ନେଇ ଲୁଣ ତେଲର ସଂସାର। ବଡ଼ ଝିଅକୁ ବିବାହ ଦେବା ପରେ ମଝିଆ ଝିଅକୁ ବିବାହ କରିବା ପାଇଁ ଅର୍ଥର ଅଭାବ ରହିଥିଲା। ଅଞ୍ଚଳରେ କାମଧନ୍ଦା ଅଭାବରୁ ଅର୍ଥର ଆବଶ୍ୟକତାକୁ ଲକ୍ଷ୍ୟ କରି ସୁଦୂର ତାମିଲନାଡୁ ରାଜ୍ୟ ତ୍ରିପୁରା ଜିଲ୍ଲାରେ ଶ୍ରମିକ ଭାବରେ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଭୀଷଣ ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବା ପାଇଁ ସ୍ଥାନୀୟ ଡାକ୍ତରଖାନା ପହଞ୍ଚିବା ପରେ ଡାକ୍ତର

- **ଗ୍ରାମବାସୀଙ୍କ ସହାୟତାରେ ଗାଁକୁ ଆସିବ ମୃତଦେହ**
- **ସରକାରୀ ସହାୟତା ଦାବି**

ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ଗାଁରେ ପହଞ୍ଚିବା ପରେ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଭୁବନେଶ୍ୱର ଦୁଇ ସପ୍ତାହ ହେବ କାମ କରିବାକୁ ଯାଇଥିବାରୁ ମୃତଦେହ ଭିଟାମାଟିକୁ ଫେରାଇ ନେବାକୁ ଉକ୍ତ ସଂସ୍ଥା ପକ୍ଷରୁ କୌଣସି ସାହାଯ୍ୟ ମିଳିନାହିଁ। ତେଣୁ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗାଁକୁ ଆଣିବାକୁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବାବେଳେ ସରକାର ପ୍ରଚୁର ପରିମାଣର କାମ ଯୋଗାଇ ଦେଉଛନ୍ତି। ହେଲେ ଆଜିକାଲିର ଆଧୁନିକ ଯୁଗରେ ମେସିନ ଦ୍ୱାରା ସମସ୍ତ କାମ କରାଯାଉଛି। ତେଣୁ ଶ୍ରମିକମାନେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରୁଥିବାବେଳେ କାହାର ମୁହଁ ପରିବାର ଲୋକେ ଦେଖି ମଧ୍ୟ ପାରୁନାହାନ୍ତି। ଆଉକିଏ ଶରୀରର ଅଙ୍ଗ ହରାଇ ପଙ୍ଗୁ ହୋଇ ଘରେ ବସି ରହୁଥିବା ଘଟଣା ନିତିଦିନିଆ ପାଲଟି ଯାଇଛି। ରୋଜଗାରିଆ ବାପାକୁ ହରାଇ ଭାଙ୍ଗି ପଡ଼ିଛନ୍ତି ପୂରା ପରିବାର। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଆହତ ନାବାଳକକୁ ଡାକ୍ତରଖାନା ନେଲେ ମନ୍ତ୍ରୀ

**କଲ୍ୟାଣସିଂହପୁର,୬।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତର ବେଲକଣାଠାରେ ମନ୍ତ୍ରୀଙ୍କ ଗାଡ଼ି ଧକ୍କାରେ ବାଳକ ଆହତ ହୋଇଥିବାବେଳେ ତାକୁ ଖୋଦ୍ ମନ୍ତ୍ରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ଜଣାପଡ଼ିଛି। ଶନିବାର ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଜଗନ୍ନାଥପୁର ବିଦ୍ୟାଳୟରେ 'ନୂଆ-ଓ' କ୍ରୀଡ଼ା ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ କୋଲନରା ଯାଉଥିବାବେଳେ ବେଲକଣା ଗାଁ ଛକରେ ବିଷମକଟକ ବ୍ଲକ୍ ଢେପାଗୁଡ଼ା ଗାଁ ଗି. ସୁଧୀରଙ୍କ ପୁଅ ଗି. ନବୀନ(୪) ଗାଡ଼ି ଆଗକୁ ମାଡ଼ି ଆସିଥିଲେ। ଚାଳକ ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ତୁରନ୍ତ ଗାଡ଼ିକୁ ଅଟକାଇ ଦେଇଥିଲେ। କିନ୍ତୁ ଶିଶୁଟି ଦେହରେ ସାମାନ୍ୟ ଗାଡ଼ି ବାଜି ଯାଇଥିଲା। ଏଥିରେ ସେ ଆହତ ହୋଇଥିଲେ। ମନ୍ତ୍ରୀ ସଙ୍ଗେ ସଙ୍ଗେ ତାକୁ ଡାକ୍ତରଖାନା ନେଇ ଚିକିତ୍ସା ବ୍ୟବସ୍ଥା କରିଥିଲେ।

## ମୃଦଙ୍ଗ ବାଦକଙ୍କ ପରଲୋକ

**ସୁନାବେଡ଼ା, ୬।୧(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳର ଆଗ ଧାଡ଼ିର କଳାକାର ତଥା ବିଶିଷ୍ଟ ମୃଦଙ୍ଗ ବାଦକ ଅନ୍ତର୍ଯ୍ୟାମୀ ବେହେରା(୯୮)ଙ୍କ ଗୁରୁବାର ପରଲୋକ ହୋଇଯାଇଛି।



ସେ ୧୯୬୦ ରୁ ୧୯୮୦ ମସିହା ପର୍ଯ୍ୟନ୍ତ କଟକ ରେଡିଓ ଷ୍ଟେସନ୍ର ପଞ୍ଜୀକୃତ କଳାକାର ଥିଲେ। ୧୯୭୦ ମସିହାରେ ବାଚସ୍ପତି ଶରତ କରଙ୍କ ଠାରୁ ସେ ଶ୍ରେଷ୍ଠ କଳାକାର ଭାବେ ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ସରକାରୀ ସ୍ୱୀକୃତି ପ୍ରାପ୍ତ କଳାକାର ଥିଲେ। ଗଞ୍ଜାମ ଜିଲ୍ଲାର ରମ୍ଭା ଥାନା ଅନ୍ତର୍ଗତ ସାବୁଲିୟା ଗ୍ରାମରେ ୧୯୨୬ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଓ ମାତାଙ୍କ ନାମ ଅର୍ଜୁନ ବେହେରା, ରୁକ୍ମଣୀ ବେହେରା। ସେ କୋରାପୁଟରେ ବସବାସ କରୁଥିଲେ। ଆର୍ଥିକ ଅନାଟନ ହେତୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ପରେ ସେ ମୃଦଙ୍ଗ ବାଦ୍ୟରେ ଶିକ୍ଷା ଗ୍ରହଣ କରି ଜଣେ ଉଚ୍ଚକୋଟୀର ମୃଦଙ୍ଗ ବାଦକ ଭାବେ ସମଗ୍ର ରାଜ୍ୟରେ ପରିଚିତ ହୋଇଥିଲେ ।

## ୮ ମାସର ଗର୍ଭବତୀ ମୃତ୍ୟୁ ଘଟଣା; ସ୍ୱାମୀ କୋର୍ଟ ଚାଲାଣ

**ବିଷମ କଟକ,୬।୧(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଡୁକୁମ୍ ପଞ୍ଚାୟତର ଘୋଡ଼ାବାଙ୍ଗିରି ଗ୍ରାମର ୮ ମାସର ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ବିଷମ କଟକ ପୁଲିସ୍ ମୃତ ମହିଳାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟଚାଲଣ କରିଛି। ଝିଅକୁ ଶାଶୂ ଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ଶୁକ୍ରବାର ଝିଅର ବାପା ବିଷମ କଟକ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ବିଷମ କଟକ ପୁଲିସ୍ ସରଜମିନ ତଦନ୍ତ କରି ମୃତ ମହିଳାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଦୁଇ ବର୍ଷ ପୂର୍ବେ ଉଭୟେ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସମୟାନୁ କ୍ରମେ ରିତା ଗର୍ଭବତୀ ହୋଇଥିଲେ ମଧ



ନିୟମିତ ସ୍ୱାମୀ ନିର୍ଯାତନା ଦେଉଥିବା ମାଆ ଘର ଲୋକେ ଅଭିଯୋଗ କରିଛନ୍ତି। ପରିଶେଷରେ ସ୍ୱାମୀ ହିଁ ୮ ମାସର ଗର୍ଭବତୀ ଥିବା ଝିଅ ରିତାକୁ ହତ୍ୟା କରିଥିବାର ଥାନାରେ ଅଭିଯୋଗ କରିଥିଲେ।

ଘଟଣା କ୍ରମରେ, ଗତ ଗୁରୁବାର ରାତିରେ ଘୋଡ଼ାବାଙ୍ଗିରି ଗ୍ରାମର ଲକ୍ଷଣ ମାଣ୍ଡିକାଙ୍କ ପତ୍ନୀ ରିତା କୁଲସିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ସ୍ୱାମୀ ଲକ୍ଷ୍ମଣ ବିଷମ କଟକ ମେଡିକାଲକୁ ଆଣିଥିଲେ; ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। କେଉଁ କାରଣରେ ଜଣେ ଗର୍ଭବତୀର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଅନୁଧାନ କରିଥିବାବେଳେ ରିତାଙ୍କ ବେକରେ ଆଘାତ ହୋଇଥିବା ଦେଖି ମେଡିକାଲ ପକ୍ଷରୁ ବିଷମ କଟକ ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ବିଷମ କଟକ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ କରାଇଛି। ବର୍ତ୍ତମାନ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ତେବ ଝିଅର ବାପାଙ୍କ ଅଭିଯୋଗ ଆଧାରରେ ବିଷମ କଟକ ପୁଲିସ ଲକ୍ଷ୍ମଣ ମାଣ୍ଡିକାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଶନିବାର ୩୦୨, ୩୦୪ବି ଏବଂ ୪୯୮ଏ' ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ବୈଠକ



**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଶନିବାର ଜିଲ୍ଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଅଧକ୍ଷତା କରିଥିବାବେଳେ ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ପୀତବାସ ସେଠୀ, ପୋଟେରୁ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ, ସରୋଜ କୁମାର ସାହୁ, ମାଟିବନ୍ଧ ବିଭାଜନ ଚିତ୍ରକୋଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ପାତ୍ର ଓ ପୋଟେରୁ କେନାଲ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ନରେନ୍ଦ୍ର ସୀଠା ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସନ୍ତା ୨୪ରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ୧୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ଏକ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରାଯିବ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ଚାରିଟି ଜଳ ବିଭାଜନ ଅଞ୍ଚଳ ଯଥା- ପୋଟେରୁ ଜଳସେଚନ ବିଭାଜନ, ବାଲିମେଲା, ପୋଟେରୁ କେନାଲ ବିଭାଜନ, ଏମଭି-୭୯, ମାଟିବନ୍ଧ ବିଭାଜନ, ଚିତ୍ରକୋଣ୍ଡା ଓ କ୍ଷୁଦ୍ର ଜଳସେଚନ ବିଭାଜନ ମାଲକାନଗିରିରେ ଏହା ପରିଭ୍ରମଣ କରିବ।

ସୂଚନା ଥାଉକି, ଜିଲ୍ଲାରେ ସର୍ବମୋଟ ୨୩୨ଟି ପାଣି ପଞ୍ଚାୟତ ରହିଛି। ସେହିପରି ୧୭ ତାରିଖରେ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। କୃଷି, ପଶୁପାଳନ ଓ ପ୍ରାଣୀ ଚିକିତ୍ସା, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ, ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ (ନାବାର୍ଡ), ମତ୍ସ୍ୟ, ଉଦ୍ୟାନ, ସେଚାଞ୍ଚଳ ଉନ୍ନୟନ ବିଭାଗ ଓ ଉଠା ଜଳସେଚନ ବିଭାଗର ପାଣି ପଞ୍ଚାୟତ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ପ୍ରଦର୍ଶନୀ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସରେ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ମାଲକାନଗିରି ଜିଲ୍ଲା ଜଳସେଚନ ବିଭାଗ ଅଧୀନସ୍ଥ ସମସ୍ତ ବିଭାଗର କର୍ମଚାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

### ଟ୍ରାକ୍ଟର ଡାଲାରେ ବାଇକ୍ ପିଟି ହୋଇ ଦୁଇ ଜଣଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ

ନନ୍ଦପୁର,୬।୧(ସମିସ)

ଟ୍ରାକ୍ଟର ଡାଲାରେ ବାଇକ୍ ପିଟି ହୋଇ ଦୁଇ ଜଣଙ୍କ ମୃତ୍ୟୁ ଘଟଣାରେ ଶନିବାର ମୃତକଙ୍କ ପରିବାର ଲୋକେ ଓ ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ ପାଞ୍ଚ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଶୁକ୍ରବାର ସନ୍ଧ୍ୟା ସମୟରେ ଏକ କାଠ ବୋଝେଇ ଟ୍ରାକ୍ଟର ଡାଲା ପଛପଟକୁ ଏକ ବାଇକ୍

- **ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ହଟିଲେ ଆନ୍ଦୋଳନକାରୀ**

ପିଟି ହେବା ଫଳରେ ହାଟଗୁଡ଼ାର ସୁଶାନ୍ତ ଗାଲି ଓ ପ୍ରସାଦ ଖୁଡାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ଜଣଙ୍କୁ ବିଶାଖାପାଟଣାର ଏକ ଘରେଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ଶନିବାର ସକାଳୁ ପରିବାର ଲୋକେ ଓ ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ କରିବାରୁ ପାଞ୍ଚ ଘଣ୍ଟା ଧରି ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା। ଖବରପାଇ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର,



ତହସିଲଦାର ଅନାଦିଚରଣ ସାହୁ, ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସେମାନେ ରାସ୍ତା ଅବରୋଧରୁ ହଟିଥିଲେ। ତହସିଲଦାର ଶ୍ରୀ ସାହୁ ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ଦଶ ହଜାର ଟଙ୍କା ପ୍ରଦାନ କରିବା ସହ ଚିକିତ୍ସିତ ହେଉଥିବା ଯୁବକଙ୍କ ପାଇଁ ପାଞ୍ଚ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏଭଳି ଅଭାବନୀୟ ଘଟଣାର ଖବର ପାଇ ନନ୍ଦପୁର ବିଜେଡି ବ୍ଲକ୍ ସଭାପତି କାଶୀନାଥ ଗୋଲରୀ, ବିଜେପି ଯୁବ ନେତା ଜୟରାମ ପୂଜାରୀ, କମେଶ କର୍ତୁଲ, ମଦନସୁନ୍ଦର୍ ଖିଲ, ରାମେଶ୍ୱର ଦୋରାଙ୍କ ସମେତ କଂଗ୍ରେସ ବ୍ଲକ୍ ସଭାପତି କାମେଶ୍ କାମୁଡି ସମେତ ବହୁ ନେତୃମଣ୍ଡଳୀ ଦୁର୍ଘଟଣାରେ ମୃତ ଦୁଇ ଯୁବକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ବିସ୍ଫୋରକ ସାମଗ୍ରୀ ସହ ଜଣେ ନକ୍ସଲ ଗିରଫ

**ମାଲକାନଗିରି, ୬।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନ ବେଳେ ପୁଲିସକୁ ଦେଖି ଦୌଡ଼ି ପଳାଉଥିବା ଜଣେ ନକ୍ସଲଙ୍କୁ ବିସ୍ଫୋରକ ସାମଗ୍ରୀ ସହିତ ସୁରକ୍ଷା ବାହିନୀ ଗିରଫ କରିଛନ୍ତି। ପୁଲିସଠାରୁ ମିଳିଥିବା ସୂଚନାନୁଯାୟୀ, ଡିଆରଜି,



ବସ୍ତର ଫାଇଟର ଏବଂ ସିଆରପିଏଫର ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନ ପାଇଁ ଗଙ୍ଗାଲୁର ପୁଲିସ ଥାନା ଅନ୍ତର୍ଗତ କୁରୁଶ ଏବଂ ପୁସନାର ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ କୁରୁଶ ଜଙ୍ଗଲରେ ପୁଲିସକୁ ଦେଖି ଖସି ପଳାଇ ଯାଉଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିକୁ ଯବାନ କାବୁ କରିଥିଲେ। ଗିରଫ ନକ୍ସଲ ଠାରୁ ଏକ ବ୍ୟାଗରେ ଇଲେକ୍ଟ୍ରିକ୍ ଡିଟୋନେଟର, କର୍ଡେକ୍ସ ତାର, ଜିଲେଟିନ୍ ଷ୍ଟିକ୍, ସୁଇଚ୍, ନିଷିଦ୍ଧ ମାଓବାଦୀ ସଂଗଠନର ପ୍ରଚାର ସାମଗ୍ରୀ, ପାମ୍ଫଲେଟ୍ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର କରାଯାଇଛି। ପଚରାଉଚରା ବେଳେ ସେ ମାଓ ସଂଗଠନରେ ଜନ ମିଲିସିଆ ସଦସ୍ୟ ଭାବେ ସଂଗଠନରେ ସକ୍ରୀୟ ଏବଂ ତାଙ୍କ ନାମ ଆୟତ୍ତୁ ପାରସିକ ବୋଲି ପ୍ରକାଶ କରିଥିଲା। ଗଙ୍ଗାଲୁର ପୁଲିସ ଥାନାରେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ବିଜାପୁର କୋର୍ଟରେ ହାଜର କରାଯାଇଛି।

# ନିର୍ବାଚନ ପାଇଁ ସେକ୍ଟର ଅଫିସର ଓ ପୁଲିସ ଅଫିସରଙ୍କୁ ତାଲିମ

**ନବରଙ୍ଗପୁର, ୬।୧(ସମିସ)**

ନବରଙ୍ଗପୁର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାର ସମସ୍ତ ସେକ୍ଟର ଅଫିସର ଓ ପୁଲିସ ସେକ୍ଟର ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଏହି ତାଲିମ ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳା, ଅବାଧ ଓ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନକୁ ସଠିକ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପୁଲିସ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ନେଇ କାମନା କରିଥିଲେ। ବିଶେଷ ଭାବେ ନିର୍ବାଚନ ସମୟରେ ସେକ୍ଟର ଅଫିସର ଓ ପୁଲିସ ସେକ୍ଟର ଅଫିସରଙ୍କ ଉପରେ ଥିବା ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଶନିବାର ଦିନ ଉମରକୋଟ, ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇଟି ପର୍ଯ୍ୟାୟରେ ସେକ୍ଟର ଅଫିସର ଓ ପୁଲିସ ସେକ୍ଟର ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ବିଶେଷ ଭାବରେ ପୁଲିସ ସେକ୍ଟର ଅଫିସରମାନଙ୍କ ପ୍ରମୁଖ ଭୂମିକା ରହିଛି। ମତଦାନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗଙ୍କ ନିୟମ ଆଧାରରେ ଦାୟିତ୍ୱ ନିର୍ଭୁଲ ଭାବରେ ତୁଲାଇବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ସେକ୍ଟର ଅଫିସରମାନେ ନିଜ ନିଜ ଅଧୀନରେ ଥିବା ସମସ୍ତ ବୁଥ୍ ପରିଦର୍ଶନ କରି ନିର୍ବାଚନ ପାଇଁ ଆବଶ୍ୟକ ଥିବା ଭିତ୍ତିଭୂମି ବ୍ୟବସ୍ଥା, ଆଶଙ୍କା ଥିବା ବିପଦ ସଙ୍କୁଳ ଥିବା ବୁଥ୍ ସମ୍ପର୍କରେ ନିର୍ଭୁଲ ତଥ୍ୟ ସଂଗ୍ରହ କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇବା ପାଇଁ ତାଲିମ ଶିବିରରେ ପରାମର୍ଶ ଦିଆଯାଇଛି। ମକ୍ ଭୋଟିଂ ପାଇଁ ଜିଲ୍ଲାର ପ୍ରତି ବ୍ଲକ ଓ ପୌରାଞ୍ଚଳରେ ଇଭିଏମ୍ ମୋବାଇଲ ଭ୍ୟାନ ଆସନ୍ତା ୧୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୯୨୨ ସ୍ଥାନରେ ବୁଲିବ। ଇଭିଏମରେ କିପରି ନିର୍ଭୁଲ ମତଦାନ କରିବେ(ମକ୍ ପୋଲ) କରିବେ ସେ ନେଇ ଭୋଟରଙ୍କୁ ସଚେତନ କରାଯିବ। ଏହି ତାଲିମ ଶିବିରରେ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ(ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ(ରାଜସ୍ୱ), ଉପଜିଲ୍ଲାପାଳ ତଥା ଜିଲ୍ଲା ପଞ୍ଜୀକରଣ ଅଧିକାରୀ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ମଧୁସିକ୍ତା ମିଶ୍ରଙ୍କ ସମେତ ସମ୍ପୃକ୍ତ ବ୍ଲକ ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଓ ସାଧାରଣ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ପି. ମନସ୍ମିତା, ଜରୁରୀକାଳୀନ ବିଭାଗ ଡେପୁଟି ଜିଲ୍ଲାପାଳ ଅମୃତ କୁମାର ରାଉଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।




## ପୋଷାକ ଦୋକାନରେ ଅଗ୍ନିକାଣ୍ଡ

**ସେମିଳିଗୁଡ଼ା,୬।୧(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ମେନ୍ ରୋଡ୍ ସ୍ଥିତ ସୁଶାନ୍ତ କୁମାର ଡାଙ୍ଗୁଆଙ୍କ 'ୟୁନିକ କଲେକ୍ସନ' ନାମକ ଏକ ପୋଷାକ ଦୋକାନରେ ଶନିବାର ଅପରାହ୍ନ ପ୍ରାୟ ୧୧ଟା ସମୟରେ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସବୁ ଦିନ ପରି ଶନିବାର ସକାଳ ପୋଷାକ ଦୋକାନ ଖୋଲିବାବେଳେ ଦୋକାନରେ ଧୂଆଁ ଦେଖାଯାଇଥିଲା। ଦୋକାନରେ ନିଆଁ ଲାଗିଥିବା ଦେଖି ସେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନେ ଅସଫଳ ହୋଇଥିଲେ। ଖବର ପାଇ ସେମିଳିଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରବର୍ତ୍ତୀ ସମୟରେ ସୁନାବେଡ଼ା ହାଲର ଅଗ୍ନିଶମ ବିଭାଗର ଗାଡ଼ି ମଧ୍ୟ ପହଞ୍ଚିଥିଲା। ସ୍ଥାନୀୟ ଅଞ୍ଚଳର ଲୋକମାନେ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ସୂଚନା ମିଳିଛି।

## ବନ ବିଭାଗ ଦ୍ୱାରା କାଠ ଚୋର ଗିରଫ

**ଉମରକୋଟ, ୬।୧(ସମିସ):** ନବରଙ୍ଗପୁର ଜିଲା ଉମରକୋଟ ବନାଞ୍ଚଳ ଅଧୀନରେ ଥିବା ସିଂସାରି ସଂରକ୍ଷିତ ଜଙ୍ଗଲରୁ ଗଛ କାଟୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ସିଂସାରି ସେକ୍ସନ ଓ ଧୋଡ଼ରା ସେକ୍ସନ ପକ୍ଷରୁ ଏକ ଟିମ୍ ଗଠନ କରି ସିଂସାରି ସଂରକ୍ଷଣ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସିଂସାରି ଗ୍ରାମର ଖଗପତି ହରିଜନ (୪୩) ନାମକ ଜଣେ ବ୍ୟକ୍ତି ଗଛ କାଟି ପଟା ପ୍ରସ୍ତୁତ କରୁଥିଲା। ଏହି ସମୟରେ ବନ ବିଭାଗର ଟିମକୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ବନ ବିଭାଗ ତାକୁ କାବୁ କରି ନେଇଥିଲେ। ଉକ୍ତ ବ୍ୟକ୍ତି ଜଣକୁ ଗିରଫ କରି ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ଦୁଇଟି ଶାଳ ଗଣ୍ଡି ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫,୦୦୦ ଟଙ୍କା ହୋଇପାରେ ବୋଲି ସୂଚନା ମିଳିଛି। ଏହି ଟିମରେ ଧଡ଼ରା ବନ ପାଳ ସ୍ଥିତିପ୍ରଜ୍ଞା ତ୍ରିପାଠୀ, ବନରକ୍ଷୀ ସିଙ୍ଗସାରି ବିଭ୍ରର ନିରବ ସୁନା, ତାପସ ପଟ୍ଟନାୟକ, ମଳୟ ରଞ୍ଜନ, ଧୋଡ଼ରା ଓ ସିଂସାରି ସେକ୍ସନ ପାରା ଷ୍ଟାଫ ଚଢ଼ଉ ସମୟରେ ରହିଥିଲେ।

## ୮ରେ ଜଗଦଲପୁର ପରିବର୍ତ୍ତେ ସମ୍ବଲପୁରରୁ ଛାଡ଼ିବ ସମଲେଶ୍ୱରୀ

**କୋରାପୁଟ,୬।୧(ସମିସ):** ୱାଲଟିୟର ଡିଭିଜନ ଅନ୍ତର୍ଗତ କୋରାପୁଟ-ରାୟଗଡ଼ା କେଆର ଲାଇନ୍‌ରେ ଦାମନଯୋଡି-ବାଇଗୁଡ଼ା ମଧ୍ୟରେ ଦୋହରୀକରଣ କାର୍ଯ୍ୟକୁ ନେଇ ସୁରକ୍ଷା ସମ୍ପର୍କିତ ଆଧୁନିକୀକରଣ ପାଇଁ ୮ ତାରିଖ ଦିନ ୧୮୦୦୬ ନମ୍ବର ବିଶିଷ୍ଟ ଜଗଦଲପୁର-ହାୱଡା ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଲପୁର ପରିବର୍ତ୍ତେ ସମ୍ବଲପୁରରୁ ଛାଡିବ ବୋଲି ୱାଲଟିୟର ଡିଭିଜନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି କାର୍ଯ୍ୟ ପାଇଁ ଆସନ୍ତା ୩ରୁ ୭ ତାରିଖ ପର୍ଯ୍ୟନ୍ତ ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଲପୁର ପରିବର୍ତ୍ତେ ଟିଟିଲାଗଡରୁ ଯାତ୍ରା ଆରମ୍ଭ କରି ହାୱଡା ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟ ପରିସମାପ୍ତି ହୋଇ ନଥିବା ଏବଂ ସୁରକ୍ଷା ଦୃଷ୍ଟିରୁ ଆଉ ଗୋଟିଏ ଦିନ ଟ୍ରେନ୍‌ର ଗତିପଥକୁ ପରିବର୍ତ୍ତନ କରାଯାଇଥିବା ୱାଲଟିୟର ଡିଭିଜନର ସିନିୟର ଡିଭିଜନାଲ କର୍ମସିଆଲ ମ୍ୟାନେଜର ଏ.କେ ତ୍ରିପାଠୀ ଜଣାଇଛନ୍ତି।

## ଅଲେଖ ମହିମା ଦୀକ୍ଷିତ ବ୍ୟକ୍ତିଙ୍କ ପରଲୋକ

**କୋଷାଗୁମୁଡ଼ା,୬।୧(ସମିସ):** କୋଷାଗୁମୁଡ଼ା ବ୍ଲକର ଭଇଁସା ବେଡା ଗ୍ରାମର ଅଲେଖ ମହିମା ଦୀକ୍ଷିତ ବାଲ ସିଂ ସମରଥଙ୍କ ନିଜ ଗ୍ରାମ ଭଇଁସା ବେଡାଠାରେ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ପରିଣତ ବୟସରେ ମଧ୍ୟ ସୁସ୍ଥ ଜୀବନଯାପନ କରି ଆସୁଥିବା ବାଲସିଂଙ୍କ ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ହଠାତ୍ ମୃତ୍ୟୁ ଘଟିଥିଲା। ଅଲେଖ ମହିମା ଦୀକ୍ଷା ଗ୍ରହଣ କରିଥିବାରୁ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅଲେଖ ଧର୍ମ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ପୁଅ ତଥା ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ନବରଙ୍ଗପୁର ଜିଲ୍ଲା ସଭାପତି ଅର୍ଜୁନ ଭତରାଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବିଷମ କଟକ,୬।୧(ସମିସ):** ବିଷମ କଟକ ମା' ମାର୍କମା ମହାବିଦ୍ୟାଳୟ ପଡ଼ିଆରେ ଗତ ତିନି ଦିନ ହେବ ଚାଲିଥିବା ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଓବିସି ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କୁର୍ଲୀ ସରପଞ୍ଚ ସୁବର୍ଦ୍ଧିନି ୱାଡକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ମଞ୍ଚାସୀନ ହୋଇଥିଲେ। ସିଆରସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ତିନିଦିନ ମଧ୍ୟରେ କ୍ରିକେଟ, କବାଡ଼ି, ଖୋଖୋ, ଭଲିବଲ, ପୁରୁଷ ମହିଳା ବର୍ଗ ମଧ୍ୟରେ ଖେଳ ହୋଇଥିବାବେଳେ ସବୁ ଖେଳର ବିଜେତାଙ୍କୁ ନଗଦ ୨୦ ହଜାର ଟଙ୍କା ସହ ଟ୍ରଫି, ରନର୍ସ ଅପକୁ ୧୫ ହଜାର ଟଙ୍କା ସହ ଟ୍ରଫି, ଏହା ବ୍ୟତୀତ ପ୍ରଥମ ରନର୍ସ ଅପ୍, ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ରାଶି ପ୍ରଦାନ କରାଯାଇଛି। ଏଥି ସହିତ ସବୁ ଖେଳର ବିଜେତା ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଏହା ବ୍ୟତୀତ ବିଷମ କଟକ ବ୍ଲକରୁ ମହିଳା କ୍ରିକେଟ ଏବଂ ପୁରୁଷ ହକି ଦଳ ମଧ୍ୟ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବଟି ବ୍ଲକ୍ କନିଷ୍ଠ ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ବିଏସ୍‌ଏସ୍‌ଓ ମୁନା ତାଡିଙ୍ଗି, ବ୍ଲକ୍ ଯୋଗାଣ ନିରୀକ୍ଷକ ଦେବଦତ୍ତ ଲେଙ୍କା, ଯନ୍ତ୍ରୀ ଝରଣା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।




### ■ ଜିଲ୍ଲାର ୮ଟି ବ୍ଲକରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ

# ଜନସାଧାରଣ ଭବ୍ୟ ସ୍ୱାଗତ କରିବା ସହିତ ଚାଉଳ ଓ ଗୁଆ ପ୍ରଦାନ

ନବରଙ୍ଗପୁର,୬।୧(ସମିସ): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖ ଦିନ ଲୋକାର୍ପଣ ହେବ। ଶ୍ରୀଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ବ୍ଲକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନର୍ବାହୀ ଅଧିକାରୀ ଅନ୍ୟା ଦାଶ, ବିଜେଡି ଜିଲ୍ଲା ସଭନେତ୍ରୀ ମଞ୍ଜୁଳା ମାଝୀ ଓ କୋଷାଗୁମୁଡା, ପାପଡ଼ାହାଣ୍ଡି, ଡାବୁଗାଁଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ ବିଡିଓ, ବ୍ଲକ ଅଧ୍ୟକ୍ଷ, ଉମରକୋଟରେ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉଠାଜଳ ସେଚନ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ରାଇଘରଠାରେ ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବିକେବିକେ ଉପଦେଷ୍ଟା ସୁକଦେବ ଗଣ୍ଡ ଶୁଭାରମ୍ଭ କରିଥିଲେ। ସେହିପରି ନନ୍ଦାହାଣ୍ଡି ବ୍ଲକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ବିଡିଓ, ବ୍ଲକ ଅଧ୍ୟକ୍ଷା, ଚନ୍ଦାହାଣ୍ଡି ବ୍ଲକରେ ମଧ୍ୟ ବିଡିଓ, ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ସମ୍ପୃକ୍ତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲୋକ ପ୍ରତିନିଧି ଓ ଜନସାଧାରଣଙ୍କର ଉପସ୍ଥିତିରେ ଭକ୍ତି ଭାବ, ଉତ୍ସାହର ସହିତ ରଥ ଘର ଘର ପରିକ୍ରମା କରିଛି। ଲୋକମାନେ ପୂଜା ଅର୍ଚ୍ଚନା ପୂର୍ବକ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ। କଳସରେ ଲୋକମାନେ ଚାଉଳ ଓ ଗୁଆ ପ୍ରଦାନ କରି ଶୁଭ ମନାସିଛନ୍ତି।



**ସେମିଳିଗୁଡ଼ା:** ରାଜ୍ୟର ସମସ୍ତ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗାଁରେ ଶନିବାରଠାରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥର ପରିକ୍ରମା ଆରମ୍ଭ ହୋଇଥିବାବେଳେ ଏହି ରଥ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପରିକ୍ରମା କରିଥିଲା। ଏହି ଅବସରରେ ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟଠାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବିରିୟା ରଥକୁ ପୂଜାର୍ଚ୍ଚନା କରି ତାହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କଣ୍ଡାଗିରି, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ପୃଷ୍ଟି, ସିଡିପିଓ ବିନୋଦିନୀ ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ କେଶବ ରାଓ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ରାମ ମାଟାମ୍, ବ୍ଲକ୍ କର୍ମଚାରୀ, ଜଗନ୍ନାଥ ସଂସ୍କୃତି ମଣ୍ଡଳୀ ସଭ୍ୟ ଯୋଗଦେଇଥିଲେ। ଜୟ ଜଗନ୍ନାଥ ସ୍ଲୋଗାନ ମଧ୍ୟରେ ରଥ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ ସଂଗ୍ରହ କରିଛି। ରଥ ପରିକ୍ରମା ସହ କୀର୍ତ୍ତନମଣ୍ଡଳୀ ଯୋଗୁଁ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

**ପାପଡ଼ାହାଣ୍ଡି:** ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟଠାରେ ଶନିବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥର ଶୁଭାରମ୍ଭ ହୋଇଛି। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଆଇଆଇସି ଦୀପକ କୁମାର ଜେନା, ତହସିଲଦାର ତପନ ନାୟକ, ଆର୍‌ସିଡି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ସରପଞ୍ଚ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଥକୁ ପୁଷ୍ପ, ଧୂପ ଓ ଦୀପ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ନଡ଼ିଆ ଭାଙ୍ଗି ଏହାର ଶୁଭାରମ୍ଭ କରିଥିଲେ। ରଥଟି ଶନିବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୩ଟି ପଞ୍ଚାୟତ ପରିକ୍ରମା କରି ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରିବ।

## ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ରାୟଗଡ଼ା,୬।୧(ସମିସ):** ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶନିବାର ପଞ୍ଚାୟତ ସମିତିସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିୟୋଜନ ସଂସ୍ଥା ଓ ପଞ୍ଚାୟତ ସମିତି ରାୟଗଡ଼ା ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୨୮ ଟି ଗ୍ରାମ ପଞ୍ଚାୟତରୁ ୫ମରୁ ଊର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ୧୮ ରୁ ୩୫ବର୍ଷ ବୟସ୍କ ବେରୋଜଗାର ୧୯୧ ଜଣ ଯୁବକଯୁବତୀ ଯୋଗଦେଇ ନାମ ପଞ୍ଜୀକରଣ କରିବା ସହିତ ଶିବିରକୁ ଆସିଥିବା ନିଯୁକ୍ତି ପ୍ରଦାନକାରୀ ଯୁଜିଏମଆଇଟି କଲେଜ, ରାୟଗଡ଼ା, ଏଲଆଣ୍ଡଟି କଟକ, ଗ୍ରାମତରଙ୍ଗ ଗୁଣୁପୁର, ସିଟିଟିସି ରାୟଗଡ଼ା, ସିଆଇପିଇଟି-ପିପିଇସି, ପାରାଦୀପ, ଜେକେ ଟ୍ରଷ୍ଟ, ଫ୍ରୁଭେଜ ଆଗ୍ରୋ ଟେକ୍, ସରକାରୀ ଆଇଟିଆଇ ରାୟଗଡ଼ା ଓ ସାହାନ ଭଳି ୯ଟି ସଂସ୍ଥାରେ ନିଯୁକ୍ତିର ନିଶ୍ଚିତତା ପ୍ରଦାନପୂର୍ବକ ଟ୍ୟାଗିଂ ହୋଇଥିଲେ। ସଂସ୍ଥାଗୁଡ଼ିକ ଅଂଶଗ୍ରହଣକାରୀଙ୍କୁ ନିଜ ନିଜ ଅନୁଷ୍ଠାନରେ ମିଳୁଥିବା ସୁବିଧାସୁଯୋଗ ବିଷୟରେ ବିଷଦ୍ ଭାବରେ ବୁଝାଇଥିଲେ। ଜିଲ୍ଲା ନିୟୋଜନ ସଂସ୍ଥା, ରାୟଗଡ଼ାଙ୍କ ତରଫରୁ ଶିବମ ମିଶ୍ରା, ୱାପିଙ୍କ ସହିତ ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ନନ୍ଦ ଓ ମୁଖ୍ୟ କିରାଣି ରାଜେଶ ଦାସ ଏବଂ ରାୟଗଡ଼ା ପଞ୍ଚାୟତ ସମିତିର ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା, ଜୀବିକା ମିଶନ କମଳିନୀ ପଢ଼ିହାରୀ ଯୋଗଦେଇଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯିବେ ତ୍ରିପତୀ

**କୁନ୍ଦୁରା, ୬।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଫୁପୁଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘିଉରିଆ ଗ୍ରାମର ତ୍ରିପତୀ ନାୟକଙ୍କୁ ଅଯୋଧ୍ୟାସ୍ଥିତ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ସମାରୋହରେ ଯୋଗଦେବା ପାଇଁ ନିମନ୍ତ୍ରଣ ଆସିଛି। ସେ ଆସନ୍ତା ୧୭ ତାରିଖରେ ଅଯୋଧ୍ୟା ଯିବା ନିମନ୍ତେ ରେଳ ଟିକେଟ ହୋଇଥିବା ସୂଚନା ଦେଇଛନ୍ତି। ୪୩ ବର୍ଷୀୟ ତ୍ରିପତୀ ଛୋଟ ବେଳୁ ଆଧ୍ୟାତ୍ମିକ ଚିନ୍ତାଧାରା ରଖି ଶ୍ରୀରାମଙ୍କ ବାଣୀ ପ୍ରଚାର ଓ ପ୍ରସାର ଦିଗରେ କୁନ୍ଦୁରା ବ୍ଲକରେ ତାଙ୍କର ମୁଖ୍ୟ ଭୂମିକା ରହିଛି। ଅତି ଉପାନ୍ତ ଅଞ୍ଚଳରେ ରହିବା ସହ ସେ ଜଣେ ଆଦିବାସୀ ଯୁବକ ହୋଇ ମଧ୍ୟ ଗତ ଦିନରେ ଅଯୋଧ୍ୟା, ବୃନ୍ଦାବନ, ମଥୁରା ଭ୍ରମଣ କରିବା ସହ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସତସଙ୍ଗ କରୁଛନ୍ତି। ତ୍ରିପତୀଙ୍କୁ ନିମନ୍ତ୍ରଣ ଆସିବା ପରେ ବଜରଙ୍ଗ ଦଳ, ଆରଏସଏସ, ଦୁର୍ଗା ବାହିନୀ ପକ୍ଷରୁ ତ୍ରିପତୀଙ୍କ ଘିଉରିଆଗୁଡ଼ାସ୍ଥିତ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧୬ତାରିଖ ଦିନ ନିଜ ଗ୍ରାମରୁ ବାହାରି କୁନ୍ଦୁରା ସ୍ଥିତ ଜଗନ୍ନାଥଙ୍କ ମନ୍ଦିରରେ ଦର୍ଶନ ସାରି ସମ୍ବଲପୁର ଯାଇ ସେଠାରୁ ଅଯୋଧ୍ୟା ଯିବାର କାର୍ଯ୍ୟକ୍ରମ ରହିଛି।



## ମିଲର ନ ଆସିବାରୁ ଧାନ ଫେରାଇନେଲେ ଚାଷୀ

**ନନ୍ଦାହାଣ୍ଡି,୬।୧(ସମିସ):** ଦୀର୍ଘ ୧୧ ଦିନ ହେବ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକଠାରେ ଅବ୍ୟବସ୍ଥା ଘେରରେ ରହିଛି ଧାନମଣ୍ଡି। ବର୍ତ୍ତମାନ ସୁଦ୍ଧା ବ୍ଲକର ବିଭିନ୍ନ ମଣ୍ଡିରେ ୧୮ ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି। ଶନିବାର ସିନ୍ଧିଗୁଡ଼ା ମଣ୍ଡିରେ ଚାଷୀ ଧାନ ଆଣିଥିବାବେଳେ ଧାନ ଉଠାଇବାକୁ ମିଲରମାନେ ନ ଆସିବା ଯୋଗୁଁ ଚାଷୀମାନେ ନିଜ ନିଜ ଧାନ ଘରକୁ ଫେରସ୍ତ ନେଇଥିବା ଦେଖିବାକୁ ମିଳିଛି। ସିନ୍ଧିଗୁଡ଼ା ମଣ୍ଡିରେ ଆର୍‌ଏମ୍ସି କିମ୍ବା ଲ୍ୟାମ୍ପ୍ସ ପକ୍ଷରୁ ଧାନ ଜଗିବା ନିମନ୍ତେ କୌଣସି ସୁବିଧା କରାଯାଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରିକି ରାତି ସମୟରେ ଲାଇଟର ବ୍ୟବସ୍ଥା କରାଯାଇନାହିଁ। ଶୀତ କାକରରେ ବାହାରେ ଧାନ ଜଗିବା ବଦଳରେ ଧାନ ଘରକୁ ନେଇଯିବା ଉଚିତ୍ ବୋଲି ଚାଷୀ କହିଛନ୍ତି। ଅନ୍ୟପଟେ ଟୋକନ୍ ଲାପ୍ସ ହେବା ଆଶଙ୍କା ଘେରରେ ରହିଛନ୍ତି ଚାଷୀ। ଯଦି ଟୋକନ୍ ଲାପ୍ସ ହୁଏ କିପରି ଧାନ ବିକ୍ରି କରିବେ ତାକୁ ନେଇ ଚାଷୀମାନେ ଏବେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ଉଚିତ୍ ବା ସ୍ଥାୟୀ ସମାଧାନ ନିମନ୍ତେ ପ୍ରଶାସନ ପାଖରେ ଗୁହାରି କରିଛନ୍ତି ନନ୍ଦାହାଣ୍ଡି ବ୍ଲକର ଚାଷୀ।

## ଦିୱାନ ମୁଣ୍ଡା ଓ ଦମୟନ୍ତୀ ସାଗର ରୂପାନ୍ତରୀକରଣର କାର୍ଯ୍ୟାଦେଶ ପ୍ରଦାନ

ଚାନ୍ଦିଲି,୬।୧(ସମିସ): କୋଟପାଡ଼ କଲ୍ୟାଣ ମଣ୍ଡପରେ ଦିୱାନମୁଣ୍ଡା ଓ ଦମୟନ୍ତୀ ସାଗରର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ ମହିଳାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ରାଜ୍ୟ ସରକାର ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡା, ଜିଲ୍ଲା ଉପସଭାପତି ପାର୍ବତୀ ମସ୍ତି, କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏମ ଶଙ୍କର ରାଓ, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖୋରା, ଉପାଧ୍ୟକ୍ଷା ଏମ ସନ୍ତୋଷୀ, ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ସମସ୍ତ ୱାର୍ଡ ମେମ୍ବର, ବିଧାୟିକା ପ୍ରତିନିଧି ସୁଧୀର ମହାନ୍ତି ଓ ପ୍ରଦୀପ ବକ୍ସି, ସାଂସଦ ପ୍ରତିନିଧି ସୁଶାନ୍ତ ବକ୍ସିଙ୍କ ସହିତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ ମହିଳାଙ୍କ ସମ୍ମୁଖରେ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପଙ୍କୁ ଦିୱାନ ମୁଣ୍ଡା ଓ ଦମୟନ୍ତୀ ସାଗରର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବିଶେଷ କରି କୋଟପାଡ଼ ଗଙ୍ଗା ରୂପେ ପରିଚିତ ଦମୟନ୍ତୀ ସାଗର ଓ ଦିୱାନମୁଣ୍ଡା ଖୁବଶୀଘ୍ର କାର୍ଯ୍ୟକାରୀ କରାଯାଇ ରୂପାନ୍ତରୀକରଣ କରାଯିବ ବୋଲି ଉପସ୍ଥିତ ଜନସାଧାରଣ ଉପସ୍ଥିତିରେ ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡା ଉପସ୍ଥାପନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜଟାବାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଟାବାଲ,୬।୧(ସମିସ):** ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମୁଖ୍ୟବକ୍ତା ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିବରଣୀ ପଠନ କରାଯାଇଥିଲା। ଅତିଥିମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

### ଲମତାପୁଟରେ ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ

# ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ପଢ଼ିବାକୁ ଆର୍ଥିକ ସହାୟତା

**କୋରାପୁଟ,୬।୧(ସମିସ)**

ଲମତାପୁଟ ଫୁଟବଲ ପଡିଆରେ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ପୁନର୍ବାର ଉଜ୍ଜୀବିତ କରିବା, ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହ ଲୋପ ପାଇବାକୁ ଯାଉଥିବା ପାରମ୍ପରିକ ଆଦିବାସୀ ନୃତ୍ୟ, ବାଦ୍ୟ ଯନ୍ତ୍ରକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ବହୁଳ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବା ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଗତ କିଛି ବର୍ଷ ମଧ୍ୟରେ ଏସଡିସି ମାଧ୍ୟମରେ ରାଜ୍ୟ ସରକାର ଜନଜାତିଙ୍କ ନିମନ୍ତେ ଅନେକ ପ୍ରକଳ୍ପ କରି ଦେଶରେ ଉଦାହରଣ ସୃଷ୍ଟି କରିଥିବା ଶ୍ରୀ ପଡାଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକ୍ତା ଯୋଜନା ଉପଦେଷ୍ଟା ତଥା ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡା, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଲ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ମହିଳା ବିଜେଡି ଜୋନାଲ ସଭାନେତ୍ରୀ ଲତା ସାହୁ, ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଏସଡିସି ସଦସ୍ୟା ତୁଳସୀ କିର୍ଷାନୀ, ଉର୍ମିଳା ମୁଦୁଲି, ଲିଲି ବୁରୁଡି, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେଡି ନେତା ସୁନାଧର ଆଡାରି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ପରେ ଜନଜାତି ସମ୍ପ୍ରଦାୟକୁ ମିଳୁଥିବା ସ୍ୱତନ୍ତ୍ର ସୁବିଧା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଲମତାପୁଟ ବ୍ଲକର ୧୦ଟି ଢେମଶା ଦଳ ଓ ୧୦ଟି ସଂକୀର୍ତ୍ତନ ମଣ୍ଡଳୀକୁ ପାରମ୍ପରୀକ ବାଦ୍ୟ, ଆଭୂଷଣ ପୋଷାକ ପ୍ରଦାନ କରା ଯାଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା କଳାକାରମାନେ ଆଦିବାସୀ ନୃତ୍ୟ ପ୍ରଦର୍ଶନ କରିଥିବାବେଳେ ବାଦ୍ୟକାର ଦଳ ବିଭିନ୍ନ ପ୍ରକାର ପାରମ୍ପରିକ ବାଜା ବଜାଇ ଲୋକଙ୍କ ମନୋରଞ୍ଜନ କରିଥିଲେ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ମେଧାବୀ ଜନଜାତି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ବ୍ୟବସ୍ଥା ପ୍ରକାରେ ବୁର୍ଲାରେ ଡାକ୍ତରୀ ପଢୁଥିବା ହନୁମାଲ ଗ୍ରାମର ଭୀମ ବଡ଼ନାୟକଙ୍କୁ ୧ଲକ୍ଷ ୩୪ ହଜାର ଟଙ୍କା ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଭୀମ ବଡ଼ନାୟକଙ୍କ ଅନୁପସ୍ଥିତିରେ ତାଙ୍କ ବାପା ଅତିଥିମାନଙ୍କଠାରୁ ଚେକ୍ ଗ୍ରହଣ କରିଥିଲେ। କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏସଡିସି କାର୍ଯ୍ୟକ୍ରମ ଅଧିକାରୀ କାଶୀ ପ୍ରସାଦ ନାୟକ ସହାୟତା କରିଥିଲେ।



## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ଅଧିକ ଲୋକ ମତଦାନରେ ଭାଗ ନେବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ



**ମାଲକାନଗିରି, ୬।୧(ସମିସ)**

ଶୁକ୍ରବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶେଷ ପର୍ଯ୍ୟାୟ ଇଲେକ୍ଟୋରାଲ ରୋଲକୁ ପ୍ରକାଶ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ, ବେଦବର ପ୍ରଧାନ ଓ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଡ. ଅକ୍ଷୟ କୁମାର ଖେମୁଣ୍ଡଙ୍କ ଉପସ୍ଥିତିରେ ସମସ୍ତ ରାଜନୈତିକ ଦଳଙ୍କୁ ଏହି ପୁସ୍ତିକାକୁ ପ୍ରଦାନ କରଯାଇଛି। ଜିଲ୍ଲପାଳ କହିଛନ୍ତି ଯେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ପାଖାପାଖି ୧୫ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି। ଯେଉଁଥିରେ ପ୍ରାୟ ୮ ହଜାର ମହିଳା ଥିବାବେଳେ ୭ ହଜାର ପୁରୁଷ ରହିଛନ୍ତି। ସମଗ୍ର ରାଜ୍ୟରେ ୧୮ରୁ ୧୯ ବର୍ଷ ବୟସର ଯୁବ ଭୋଟରଙ୍କୁ ପଞ୍ଜୀକରଣ କରିବାରେ ମାଲକାନଗିରି ଜିଲ୍ଲା ସବୁଠାରୁ ଆଗରେ ରହିଛି। ଆଗାମୀ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକ ଭାଗ ନେଇ ମତଦାନ ହାରକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ସେହିପରି ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ କହିଛନ୍ତି ଯେ ୨୦୨୩ରେ ପ୍ରାୟ ୨୯ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି। ମହିଳାଙ୍କ ସମେତ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ ବଢ଼ିଛି। ବିଶେଷ ଭାବେ ଭିନ୍ନକ୍ଷମ ଓ ବରିଷ୍ଠଙ୍କ ନିମନ୍ତେ ରାମ୍ପ ଓ ହ୍ୱିଲ୍ ଚେୟାର ଇତ୍ୟାଦିର ବ୍ୟବସ୍ଥାକୁ ଧ୍ୟାନ ଦିଆଯାଇଛି। ଆସନ୍ତା ୮ରୁ ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଜିଲ୍ଲାର ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟଦାନ ମେସିନ ତଥା ଇଭିଏମ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସୂଚନା ଥାଉକି, ଜିଲ୍ଲାରେ ବର୍ତ୍ତମାନ ୪ ଲକ୍ଷ ୪୯ ହଜାର ୨୨୯ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୧୭ ହଜାର ପୁରୁଷ ଥିବାବେଳେ ୨ ଲକ୍ଷ ୩୧ ହଜାର ୪୪୫ ଜଣ ମହିଳାଙ୍କ ସମେତ ୪୪ ଜଣ ଅନ୍ୟ ବର୍ଗର ରହିଛନ୍ତି। ଇଲେକ୍ଟୋରାଲ ରୋଲ୍ ପୁସ୍ତିକାକୁ ସ୍ୱଚ୍ଛ ରଖିବା ନିମନ୍ତେ ବହୁତ ସତର୍କତା ଅବଲମ୍ବନ କରି ବିଯୋଗ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟରେ ଘରକୁ ଘର ବୁଲି ଏହି ପ୍ରକ୍ରିୟା ସମ୍ପାଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପକ୍ଷରୁ ସରୋଜ ପାତ୍ର, ବିଜେପି ପକ୍ଷରୁ ମାଣିକ ଲାଲ ଚକ୍ରବର୍ତ୍ତୀ, ବିଜେଡି ପକ୍ଷରୁ ଧନୁର୍ଜୟ ମାଡ଼କାମୀ, ସିପିଆଇ(ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସପି ପକ୍ଷରୁ ଜାରାଶବର ମାଡ଼ୀ ଏବଂ ଆପ୍ ପକ୍ଷରୁ କେ. ଦେଶୀ ରାଜୁ ଆଚାରୀ ଉପସ୍ଥିତ ଥିଲେ।



**ନବରଙ୍ଗପୁର:** ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୪ ଆରମ୍ଭ ହେବା ସହ ଏହି ସଂଶୋଧନ କାର୍ଯ୍ୟକ୍ରମରେ ଗତ ଅକ୍ଟୋବର ୨୭ରେ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇଥିଲା ଏବଂ ଏହାର ଚୂଡ଼ାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମ ଅନୁଯାୟୀ, ଗତ ୧ ତାରିଖ ସୁଦ୍ଧା ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୮ ଲକ୍ଷ ୪୯ ହଜାର ୧୭୬ ରହିଛି। ପୁରୁଷ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୧୯ ହଜାର ୮୦୬ ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୨୯ ହଜାର ୩୧୧ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୫୯ ରହିଛି ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ନୂତନ ଭାବରେ ନିଜ ନାମ ଭୋଟର ତାଲିକାରେ ସଂଯୋଗୀକରଣ କରିବା, ମୃତ, ସ୍ଥାନାନ୍ତରଙ୍କ ବାଦ୍ ତଥା ଭୋଟର ତାଲିକାରେ ନିଜ ନାମ, ଠିକଣା, ଜନ୍ମ ତାରିଖ ଓ ଫଟୋ ଇତ୍ୟାଦି ସଂଶୋଧନ ନିର୍ବାଚନର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ଯୁବକଯୁବତୀମାନେ ତୁରନ୍ତ ନିଜ ଅଞ୍ଚଳର ବିଦ୍ୟାଳୟରେ କାର୍ଯ୍ୟରତ ବିଏଲଓଙ୍କୁ ଯୋଗାଯୋଗ କରି ଭୋଟର ତାଲିକାରେ ନିଜ ନାମ ସାମିଲ୍ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ଅପିଲ କରିଛନ୍ତି ଜିଲ୍ଲାପାଳ ଡ. ମିଶ୍ର।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟୋଲ ନବରଙ୍ଗପୁର ଜିଲ୍ଲା ରୋଲ୍ ଅବଜର୍ଭର୍ ଶୁଭ ସକ୍ସେନା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ହଳଧର ନିଆଲ, ଇଲେକ୍ସନ ରେଜିଷ୍ଟ୍ରେସନ୍ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଇଲେକ୍ସନ ବିଭାଗର ଡେପୁଟି କଲେକ୍ଟର ପି. ମନସ୍ମିତା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ବାଚନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଅଜୟ କୁମାର ନାୟକ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ବାଚନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ନରସିଂହ ପାଣିଗ୍ରାହୀ, ନବରଙ୍ଗପୁର ବିଜୁ ଜନତା ଦଳର ନଗର ସଭାପତି ପ୍ରମୋଦ କୁମାର ରଥ, ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ଏବଂ କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟର ତାଲିକା ଶୁକ୍ରବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇଛି। ଏଥିରେ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଭୟ ବିଧାନସଭାର ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ଅନୁସୂଚିତ ଜନଜାତି ବର୍ଗ ପାଇଁ ସଂରକ୍ଷିତ କୋଟପାଡ଼ ୧୪୨ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୮ ହଜାର ୨୮୩ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧ ହଜାର ୮୧ ଜଣ ପୁରୁଷ ଏବଂ ୧ ଲକ୍ଷ ୭ ହଜାର ୧୯୧ ମହିଳା ୧୧ ଜଣ କିନ୍ନର ରହିଛନ୍ତି। ସେହିପରି ଅଣସଂରକ୍ଷିତ ଜୟପୁର ୧୪୩ ନମ୍ବର ନିର୍ବାଚନମଣ୍ଡଳୀରେ ସମୁଦାୟ



୨ଲକ୍ଷ ୧୧ ହଜାର ୯୦୮ ଜଣ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୨ ହଜାର ୭୭୦ ଜଣ ପୁରୁଷ, ୧ଲକ୍ଷ ୯ ହଜାର ୧୦୪ ଜଣ ମହିଳା ଏବଂ ୩୪ ଜଣ କିନ୍ନର ରହିଛନ୍ତି। କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଗତବର୍ଷ ତୁଳନାରେ ୮୯୦୮ ଏବଂ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୮୨୩୮ ଜଣ ଅଧିକ ଚଳିତ ବର୍ଷ ଭୋଟଦାତା ରହିଛନ୍ତି। କୋଟପାଡ଼ ନିର୍ବାଚନମଣ୍ଡଳୀରେ ୫୩୧୬ ଜଣ ନୂତନ ଭାବେ ଯୁବ ଭୋଟଦାତା ଏବଂ ବରିଷ୍ଠ ନାଗରିକ ଭାବେ ୨୫୪୨ ଜଣ ରହିଛନ୍ତି। ଜୟପୁର ନିର୍ବାଚନମଣ୍ଡଳୀରେ ୪୪୨୩ ଜଣ ଯୁବ ଏବଂ ୨୫୦୪ ଜଣ ବରିଷ୍ଠ ନାଗରିକ ଭୋଟଦାତା ରହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ କୋଟପାଡ଼ରେ ୧୦୫୮୨ ଏବଂ ଜୟପୁରରେ ୧୦୯୩୨ ଜଣ ଭୋଟଦାତା ସାମିଲ ହୋଇଥିବାବେଳେ କୋଟପାଡ଼ରେ ୫୧୧୯ ଜଣ ଏବଂ ଜୟପୁରର ୪୯୫୬ ଜଣଙ୍କ ନାମକୁ ବାଦ୍ ଦିଆଯାଇଛି। ଏହି ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ କଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ନାୟକ, ଷ୍ଟେନୋ ସଲମନ ଖରା, ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, କଂଗ୍ରେସ ଦଳର ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିର୍ବାଚନ ବିଭାଗର କର୍ମଚାରୀ ମନସ୍ୱିନୀ ବେହେରା, କିରଣ ମହାରଣା, ମନୋଜ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ପୌରସଂସ୍ଥା ୨୮ଟି ୱାର୍ଡର ୫୯ଟି ବୁଥରେ ସମୁଦାୟ ୬୪ହଜାର ୬୯୫ ଜଣ ଭୋଟର ରହିଛନ୍ତି। ଏଥିରେ ୩୧ ହଜାର ୬୩୧ ଜଣ ପୁରୁଷ, ୩୩ ହଜାର ୩୬ ମହିଳା, ୨୮ ଜଣ କିନ୍ନର ରହିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ୧୭୩୩ଜଣ ଅଧିକ ଭୋଟରଙ୍କ ନାମ ସୂଚୀରେ ସଂଶ୍ଳିଷ୍ଟ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**ରାୟଗଡ଼ା:** ରାୟଗଡ଼ା ଜିଲ୍ଲାରେ ଥିବା ଭୋଟରଙ୍କ ଚୂଡ଼ାନ୍ତି ତାଲିକାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ୱଧାଦେବ ସିଂ ପ୍ରକାଶନ କରିଛନ୍ତି। ଜିଲ୍ଲାରେ ୭ ଲକ୍ଷ ୪ ହଜାର ୫୦୩ ଜଣ ଭୋଟରଙ୍କ ନାମ ତାଲିକାରେ ରହିଛି। ଏହି କ୍ରମରେ ରାୟଗଡ଼ା ଜିଲ୍ଲାରେ ୩ ଲକ୍ଷ ୩୧ ହଜାର ୮୪୪ ଜଣ ପୁରୁଷ ଭୋଟର ରହିଥିବାବେଳେ ୩ ଲକ୍ଷ ୭୨ ହଜାର ୪୭୪ ଜଣ ମହିଳା ଭୋଟରଙ୍କ ସମେତ ୧୮୫ ଜଣ କିନ୍ନରଙ୍କୁ ମିଶାଇ ମୋଟ ୭ ଲକ୍ଷ ୪ହଜାର ୫୦୩ ଜଣ ଭୋଟର ରହିଛନ୍ତି। ୩୨ ହଜାର ୧୯୮ ଜଣ ଯୁବ ଭୋଟରଙ୍କୁ ସାମିଲ କରାଯାଇଥିବାବେଳେ ୧୯ ହଜାର ୬୫୭ ଜଣ ଭୋଟରଙ୍କୁ ବିଭିନ୍ନ କାରଣରୁ ବାଦ୍ ଦିଆଯାଇଛି। ଗୁଣପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୧ ହଜାର ୪୯୫ ଜଣ ଭୋଟର ରହିଥିବାବେଳେ ଏଥିରେ ୧ ଲକ୍ଷ ୬ ହଜାର ୬୮୪ ଜଣ ପୁରୁଷ ଓ ୧ ଲକ୍ଷ ୧୪ ହଜାର ୭୬୨ ଜଣ ମହିଳା ଓ ୪୯ ଜଣ କିନ୍ନର ଭୋଟର ରହିଛନ୍ତି। ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୨ ହଜାର ୪୪୨ ଜଣଙ୍କ ନାମ ଭୋଟର ତାଲିକାରେ ପ୍ରକାଶିତ ହୋଇଥିବାବେଳେ ଏଥିରେ ୧ ଲକ୍ଷ ୬ ହଜାର ୮୩୭ ଜଣ ପୁରୁଷ ଓ ୧ ଲକ୍ଷ ୨୫ ହଜାର ୫୬୬ ଜଣ ମହିଳା ଭୋଟରଙ୍କ ସମେତ ୩୯ଜଣ କିନ୍ନର ଭୋଟର ରହିଥିବାବେଳେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୫୦



ହଜାର ୫୬୬ ଜଣ ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୮ ହଜାର ୩୨୩, ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୩୨ ହଜାର ୧୪୬ ଏବଂ ୯୭ଜଣ କିନ୍ନର ଭୋଟର ରହିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଅନୁଷ୍ଠିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରମୁଖ ତିନି ରାଜନୈତିକ ଦଳର ପ୍ରମୁଖ ସଦସ୍ୟମାନେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କଠାରୁ ଭୋଟର ତାଲିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ରାୟଗଡ଼ା ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲ୍ଲାପାଳ(ନିର୍ବାଚନ) ଶ୍ରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାଲକାନଗିରି, ୬।୧(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା, ମୁଖ୍ୟବକ୍ତା ଭାବେ ଏଡିଇଓ ଚିତ୍ତ ରଞ୍ଜନ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ସୋୟେ, ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମୁଖ୍ୟ ଆଇନ ପ୍ରାଧିକରଣ ଓକିଲ ଅଶୋକ କୁମାର ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟିର ସଭାପତି ବିଶ୍ୱାସ କୁମାର ମିଶ୍ର ଯୋଗଦେଇ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଶିକ୍ଷୟିତ୍ରୀ ଉଷାରାଣୀ ରାୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବିଷ୍ଣୁ ପ୍ରସାଦ ସୁବୁଦ୍ଧି, ଏମ୍. ନନ୍ଦିନୀ, ରୀତାଞ୍ଜଳି ସାମଲ ମଞ୍ଚ ସଂଯୋଜନା କରିଥିଲେ। ବିଗତ ଦିନରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଏହାକୁ ଛାତ୍ରୀ ଅନୁଷ୍କା ମହାନ୍ତି ସଂଯୋଜନା କରିଥିଲେ। ଏହି ଉତ୍ସବରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ପାଠ ପଢ଼ାଇଲେ ଅତିରିକ୍ତ ଜିଲ୍ଲାପାଳ



**ମାଲକାନଗିରି, ୬।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, କୋରୁକୋଣ୍ଡାଠାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପରିଦର୍ଶନ କରି ବିଦ୍ୟାଳୟରେ ସମୀକ୍ଷା କରିବା ସହ ମୌଳିକ କର୍ତ୍ତବ୍ୟ ଏବଂ ଅଧିକାର ବିଷୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଛନ୍ତି । ଏହି ସମୟରେ ସ୍କୁଲର ପ୍ରଧାନଶିକ୍ଷକ ସରୋଜ ବେହେରା ଏବଂ ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ନୀତିବାଣୀ ଦେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଥମ ଥର ପାଇଁ କୋରୁକୋଣ୍ଡାରେ +୨ କଳା ଖୋଲିଥିବାରୁ ଅତିରିକ୍ତ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ବିଦ୍ୟାଳୟ ଏବଂ ଗ୍ରାମର ନାମ ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ପିଲାଙ୍କୁ ସଫଳତା ହାସଲ ଦିଗରେ କିଛି ଟିପ୍ସ ପ୍ରଦାନ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସର ପରାମର୍ଶଦାତା ହରିଷ ଏବଂ ଜିଲ୍ଲା ରେଡକ୍ରସର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ମଧ୍ୟ ସ୍ୱାଗତ କରିଥିଲେ।

## ବ୍ଲକ୍‌ସ୍ତରୀୟ ‘ନୂଆ-ଓ’ କ୍ରୀଡ଼ା କାର୍ଯ୍ୟକ୍ରମ ଉଦ୍‌ଯାପିତ



**କଲ୍ୟାଣସିଂହପୁର, ୬।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସୁନାଖଣ୍ଡି ପଞ୍ଚାୟତର ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ‘ନୂଆ-ଓ’କ୍ରୀଡ଼ାକାର୍ଯ୍ୟକ୍ରମଉଦଯାପିତହୋଇଛି।ଏହି ଉତ୍ସବରେ ବିଡିଓ ରାଜୀବ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ସମ୍ମାନିତ ଅତିଥି କ’ ଜୋନ ଜିଲ୍ଲା ପରିଷଦ ବି. ଭାରା ପ୍ରସାଦ ରାଓ, ଖ’ ଜୋନର ଜିଲ୍ଲା ପରିଷଦ ଭୂମି ଗୌରୀ ଦେବୀ, ଅଧ୍ୟକ୍ଷ ଅମ୍ରିତା କାଡ୍ରାକା, ଲ୍ୟାମ୍ପ୍ସ ସଭାପତି ଶଙ୍କର ହୁଇକା, ତହସିଲଦାର ରଞ୍ଜନ କୁମାର ମାନସେଠ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ସୁନାନୀଙ୍କ ସମେତ ବ୍ଲକର ୧୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ମଞ୍ଚାସୀନ ଥିଲେ। ଗତ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା କ୍ରୀଡ଼ା ଉତ୍ସବରେ ଖୋ ଖୋରେ ଜଗନ୍ନାଥପୁରକୁ ହରାଇ ସେରିଗୁମ୍ମା ବିଜୟୀ ହୋଇଥିବାବେଳେ କବାଡ଼ିରେ ନାରାୟଣପୁରକୁ ହରାଇ କଲ୍ୟାଣସିଂହପୁର, ଭଲିବଲରେ ପଲମାକୁ ହରାଇ ନାରାୟଣପୁର ଓ କ୍ରିକେଟରେ କଲ୍ୟାଣସିଂହପୁରକୁ ହରାଇ ଶିକରପାଇ ବିଜୟୀ ହୋଇଛି। ବିଜୟୀ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ବିରେନ୍ଦ୍ର କୌଶଲ୍ୟା ମଞ୍ଚ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀ କ୍ରୀଡ଼ା ଉତ୍ସବ

**ମାଥିଲି, ୬।୧(ସମିସ):** ମାଲକାନାଗିରି ଜିଲ୍ଲା ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଯାଇଛି। ସ୍ଥାନୀୟ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ଏହି ଅବସରରେ ୨୦ଟି ଗ୍ରାମପଞ୍ଚାୟତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ଅଭିଭାବକ/ ଶିକ୍ଷକ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ, ଚିତ୍ରାଙ୍କନ, ବାଟି ଚାମଚ ରେସ୍, ଦୌଡ଼ ପ୍ରତିଯୋଗିତା, ମ୍ୟୁଜିକ ଚେୟାର, ସଙ୍ଗୀତ ଅନ୍ତାକ୍ଷରୀ, ଜିଲାପୀ ଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସୁମିତ ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁଦର ଆବଶ୍ୟକତାଗୁଡ଼ିକ ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ୍ ଭାରପ୍ରାପ୍ତ ଅନ୍ତର୍ନିବେଶୀ ସାଧନ ସଂଯୋଜକ ରତ୍ନାକର ପାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷକ ଜୟନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଟୁକୁନା ସାହୁ, ବିଶ୍ୱ ପାଣ୍ଡେ ସମ୍ବଳ କର୍ମୀ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ବିରଜା ଶଙ୍କର ବେହେରା, ଯୋଗେନ୍ଦ୍ର ମଲ୍ଲିକ, ରାଜୀବ ଖେମୁଡୁ, ଅନ୍ତର୍ଯ୍ୟାମୀ ମଲ୍ଲିକ, ଭୁବନ ନାୟକ, ନାଗେଶ ଆୟର, ବିକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମସ୍ତିଷ୍କ, ପକ୍ଷାଘାତ, ମାନସିକ ଅନଗ୍ରସର, ବହୁବିଧ ଦିବ୍ୟାଙ୍ଗମାନଙ୍କୁ ଶିକ୍ଷଣ ଉପକରଣ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ସେଠୀ, ଶିକ୍ଷୟିତ୍ରୀ ସସ୍ମିତା ନାୟକ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।




## ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

# ଶିଶୁଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ; ପ୍ରଶାସନ ନିରବ

**ମୁନିଗୁଡ଼ା, ୬।୧(ସମିସ)**

ଗ୍ରାମାଞ୍ଚଳରେ ଅପୁଷ୍ଟି ରୋକିବା ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଉଭୟ ସରକାରଙ୍କ ପ୍ରୟାସ ଜାରି ରହିଥିବାବେଳେ ଦୁଇ ମାସ ହେଲାଣି ଅଙ୍ଗନବାଡ଼ି କେନ୍ଦ୍ରରେ ମିଳୁନି ପୁଷ୍ଟିକର ଖାଦ୍ୟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଗାଁ ଗହଳିର କୋମଳମତି ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଅପୁଷ୍ଟିରୁ ରକ୍ଷା କରିବା ପାଇଁ ରନ୍ଧାଖାଦ୍ୟ ସାଙ୍ଗକୁ ପୁଷ୍ଟିକର ଛତୁଆ ପ୍ରସ୍ତୁତ କରି ବଣ୍ଟନ କରଯାଉଛି। ହେଲେ ଅନେକ ସ୍ଥାନରେ ଅଧିକାରୀଙ୍କ ସଠିକ୍ ପରିଚାଳନା ଅଭାବରୁ ଏସବୁ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖାଦେଇଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ଆଜକୁ ଦୁଇ ମାସରୁ ଊର୍ଦ୍ଧ୍ୱ ହେଲାଣି ଗହମ ଅଭାବରୁ ଅଙ୍ଗନବାଡ଼ି ପୁଷ୍ଟିକର ଖାଦ୍ୟ ପହଞ୍ଚି ନ ଥିବାରୁ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ଥିବା ୧୮୭ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରୁଥିବା ଶିଶୁ, ପ୍ରସୂତି ଓ ଗର୍ଭବତୀ। ମୁନିଗୁଡ଼ା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ୧୮୭ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଛତୁଆ ମିଳି ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଛତୁଆ ପହଞ୍ଚି ନ ଥିବାରୁ ଅଙ୍ଗନବାଡ଼ି କର୍ମୀମାନେ କୋମଳମତି ଶିଶୁମାନଙ୍କ ସମେତ ମାଆମାନଙ୍କୁ ଛତୁଆ ବଣ୍ଟନ କରି ନ ଥିବା ଜଣାପଡ଼ିଛି।

ମୁନିଗୁଡ଼ା ବ୍ଲକ୍ ଅଧୀନରେ ଛତୁଆ ପ୍ରସ୍ତୁତ ପାଇଁ ଦୁଇଟି କେନ୍ଦ୍ର ରହିଥିବାବେଳେ ୧୮୭ ଅଙ୍ଗନବାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଇ ଆସୁଥିଲେ। ହେଲେ ଗହମ ଅଭାବରୁ ଦୁଇ ମାସରୁ ଅଧିକ ହୋଇଗଲା ଛତୁଆ ପାଇବାରୁ ବଞ୍ଚିତ ରହିଛନ୍ତି। ଗହମ ଅଭାବରୁ ସୁଜି, ଛତୁଆ ମିଳୁ ନ ଥିବାବେଳେ ବାଦାମ ଲଡ୍ଡୁ କାହିଁକି ଦିଆଯାଉନି ଏହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମାନଙ୍କରେ କେବଳ ଅଣ୍ଡା ଦେଇ ହାତ ବାନ୍ଧି ବସିଛନ୍ତି ଦାୟିତ୍ୱରେ ଥିବା ସ୍ଥାନୀୟ ଅଧିକାରୀ। ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଚଳିତ ମାସ ହିସାବରେ ସମୁଦାୟ ଗର୍ଭବତୀ ସଂଖ୍ୟା ୧୦୩୫ ଓ ପ୍ରସୂତି ମାଆ ୭୧୮ ଜଣ, ତିନିବର୍ଷରୁ ୬ବର୍ଷର ପିଲା ୬୮୧୧ ଜଣ, ୭ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୫୪୪୪ ଶିଶୁ ଉକ୍ତ ଅଙ୍ଗନବାଡ଼ିରେ ପୁଷ୍ଟିକର ଖାଦ୍ୟ ପାଇଁ ନିର୍ଭର କରୁଥିବାବେଳେ ସମସ୍ତ ଶିଶୁ, ଗର୍ଭବତୀ, ପ୍ରସୂତି ମହିଳା ଦୁଇ ମାସ ହେଲା ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି। ସୂଚନା ଥାଉକି, ଅପୁଷ୍ଟି ହାର କମାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ପାଇଁ ସେହି ସବୁ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସମ୍ବେଦନଶୀଳ ଘଟଣାକୁ ନେଇ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରିଣୀ ଡାଳିମ୍ବ ନାୟକଙ୍କୁ ପଚାରିବାରୁ ଗହମ ଅଭାବରୁ ଉକ୍ତ କେନ୍ଦ୍ରକୁ ଛତୁଆ ଦିଆଯାଇପାରୁ ନାହିଁ। ଏହା ଖାଲି ମୁନିଗୁଡ଼ା ନୁହେଁ, ପୂରା ରାୟଗଡ଼ା ଜିଲ୍ଲାରେ ଏଭଳି ପରିସ୍ଥିତି ଉପୁଜିଛି। ତେବେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ। ଯଦି ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅଧିକାରିଣୀଙ୍କ ସମେତ ଦାୟିତ୍ୱରେ ଥିବା ଅଙ୍ଗନବାଡ଼ି ସୁପରଭାଇଜରମାନେ ତଦାରଖ ପାଇଁ ଯାଉଛନ୍ତି, ଏପରି ସ୍ଥିତିରେ ଛତୁଆ ପ୍ରସ୍ତୁତି ବନ୍ଦ ହେବା ପର୍ଯ୍ୟନ୍ତ ସ୍ଥିତି ଉପୁଜିଲା କାହିଁକି ଓ ବାଦାମ ଲଡ୍ଡୁ କାହିଁକି ଦିଆଯାଉନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିବା ସହ ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା ହେଉଥିବା କହିଛନ୍ତି। ଗହମ ପହଞ୍ଚିବା ସହ ହିତାଧିକାରୀମାନଙ୍କୁ କେବେ ଛତୁଆ ଯୋଗାଇ ଦିଆଯିବ ତାହା ଦେଖିବାକୁ ଲୋକେ ଚାହିଁ ରହିଥିବାବେଳେ ବାରମ୍ବାର ଖବର ପ୍ରସାରଣ ପରେ ମଧ ନିରବ ସାଜିଛନ୍ତି ଅଧିକାରୀ।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ମୁନିଗୁଡ଼ା, ୬।୧(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଗୋଡିଗୁଡ଼ା ଗ୍ରାମ ନିକଟସ୍ଥ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ମୁନିଗୁଡ଼ା ପୁଲିସ। ମୃତକ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଖରିଆର ଥାନା ଅନ୍ତର୍ଗତ ଡୁକୁଲା ଗ୍ରାମର ଥବିର ମାଝୀଙ୍କ ପୁଅ କିରଣ ମାଝୀ ବୋଲି ଜଣାପଡ଼ିଛି। ଶନିବାର ସକାଳୁ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ ନିକଟରେ ପଡ଼ିଥିବା ଗୋଟିଏ ବ୍ୟାଗରୁ କିଛି ପ୍ରେସକ୍ରିପସନରୁ ଜଣାପଡ଼ିଥିଲା ଯେ, ଯୁବକ ଜଣକ ହେଉଛନ୍ତି କିରଣ ମାଝୀ। ଏହି ତଥ୍ୟକୁ ଆଧାର କରି ପୁଲିସ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କିରଣ ସାମାନ୍ୟ ମାନସିକ ରୋଗୀ ଥିଲେ ଓ ସେ ତିରୁପତି ସହରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହୋଇ ଘରକୁ ଫେରିଥିବାବେଳେ ୪ ତାରିଖ ଦିନ ସେ ମୁନିଗୁଡ଼ାକୁ ଟ୍ରେନ୍ ଯୋଗେ ଆସିଥିବା ଜଣାପଡ଼ିଛି। ହେଲେ ସେ କାହିଁକି ମୁନିଗୁଡ଼ା ଆସିଲେ ଓ କାହିଁକି ସେ ଆତ୍ମହତ୍ୟା କଲେ ତାହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ମୃତଦେହକୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୁନିଗୁଡ଼ା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ତତ୍ତ୍ୱାବଧାନରେ ଏଏସଆଇ ଜୟଚନ୍ଦ୍ର ସାହୁ ଘଟଣାର ତଦନ୍ତ କରିଥିବାବେଳେ ଓଏପିଏଫ୍ ସନ୍ତୋଷ ଶବର ଓ ପ୍ଲାଟୁନ କମାଣ୍ଡାଣ୍ଟ ଟୁଲୁ ପାଢ଼ୀ ସହାୟତା କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ନିମନ୍ତେ ଅର୍ପଣ ରଥର ଶୁଭାରମ୍ଭ



**ପଟ୍ଟାଙ୍ଗି,୬।୧(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ସଦର ମହକୁମା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉପଲକ୍ଷେ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଅନୁକୂଳ କରିଥିଲେ। ଅନ୍ୟତମ ଅତିଥି ଭାବେ ପଟ୍ଟାଙ୍ଗି ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ବିଧାୟକ ପ୍ରତିନିଧି ଜୟସିଂ ପଡ଼ାସେଠୀ, ପଟ୍ଟାଙ୍ଗି ପଞ୍ଚାୟତର ସମିତିସଭ୍ୟା ଶିବାନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶନିବାର ପଟ୍ଟାଙ୍ଗି ଓ ଦେଓ ପଟ୍ଟାଙ୍ଗି ପଞ୍ଚାୟତରୁ ଅକ୍ଷତ ଚାଉଳ ସଂଗ୍ରହ କରାଯାଇଥିବା ନେଇ ଜଣାପଡ଼ିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ପଞ୍ଚାୟତରୁ ଚାଉଳ ଓ ଗୁଆ ସଂଗ୍ରହ କରାଯିବାର ଯୋଜନା ରହିଥିବା ନେଇ ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ଜିପିଓ ଦିବାକର ପୁରୋହିତ, ପିଇଓ ଚିନ୍ମୟୀ ମିଶ୍ର, ଜିଆର୍‌ଏସ୍ ଉଦ୍ଧବ ଗୁଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଫୁଲ ଓ ଚକୋଲେଟ୍ ଦେଇ ସଡ଼କ ସୁରକ୍ଷା ସଚେତନତା









**କୋଷାଗୁମୁଡ଼ା,୬।୧(ସମିସ)**

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ, ଜାତୀୟ ସେବା ଯୋଜନା ଓ ସ୍ଥାନୀୟ ପୁଲିସ ବିଭାଗର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ସ୍ଥାନୀୟ ପୁଲିସ ଥାନା ନିକଟରୁ ଆରମ୍ଭ ହୋଇ ବିଦ୍ୟାଳୟରେ ପହଞ୍ଚିଥିଲା। ପ୍ରଥମେ କୋଡ଼ିଙ୍ଗା ତହସିଲଦାର ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭରାମ୍ଭ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ଯୁଗଳ ଶବର, ଅଧ୍ୟକ୍ଷା ଅମିତା ରାୟ, ଅଧ୍ୟାପକ ବିବେକ କୁମାର ମହାଲିକ, ଏଏସଆଇ ପ୍ରଦୀପ କୁମାର ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଅନୁଷ୍ଠାନର ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ପୁଲିସ ବାହିନୀ ଉପସ୍ଥିତ ରହି ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଚାଳକଙ୍କୁ ଗୋଲାପ ଫୁଲ, ଚକୋଲେଟ ଓ ଲିଫଲେଟ୍ ଦେଇ ସଡ଼କ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ଅମିତା ରାୟଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ତହସିଲଦାର ଶ୍ରୀ ବେହେରା ଯୋଗଦେଇ ମଣିଷ ଜୀବନ ଅତି ମୂଲ୍ୟବାନ, ଏହାର ସୁରକ୍ଷା କଲେ ଆମ ଜାତି ହସି ଉଠିବ। ସାମାନ୍ୟ ଅଜ୍ଞତା ଓ ଅସାବଧାନତା ଯୋଗୁଁ ପ୍ରତିଦିନ ଅନେକ ଧନ ଜୀବନ ନଷ୍ଟ ହେଉଛି। ଏଣୁ ଆମେ ପ୍ରତ୍ୟେକ ଚାଳକ ସଂଯତ ଓ ଶୃଙ୍ଖଳିତ ହୋଇ ରାସ୍ତାରେ ଗାଡ଼ି ଚାଳନା କଲେ ଏକ ସୁରକ୍ଷିତ ସମାଜ ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅଧ୍ୟାପକ ଅଖିଳ କୁମାର ଭଙ୍ଗ ପରିଚାଳନା କରିଥିବାବେଳେ ଜାତୀୟ ସେବା ଯୋଜନା ଅଧିକାରୀ ପଞ୍ଚାନନ ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ ରବି ପାଣିଗ୍ରାହୀ, ସୀମାଞ୍ଚଳ ପଟ୍ଟନାୟକ, ସସ୍ମିତା ପ୍ରଧାନ, ପ୍ରଦୀପ୍ତ ସାମନ୍ତ, ଦେବକୀ ଦିଶାରୀ, ରାକେଶ ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି, ଉଦୟ ନାୟକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

**ମୋଟୁ:** ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଅଭିଯାନ ସପ୍ତାହ ପାଳନ ଅବସରରେ ମାଲକାନଗିରି ଜିଲ୍ଲାର ମୋଟୁ ଥାନା ଏବଂ ମଧୁସୂଧନ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୋଟୁ ଥାନା ପୁଲିସ ମଧୁସୂଧନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ରହି ଶୋଭାଯାତ୍ରା ମାଧ୍ୟମରେ ବିଭିନ୍ନ ସଡ଼କ ସୁରକ୍ଷା ନାରା ଦେବା ସହ ବିଦ୍ୟାଳୟଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲେ। ଏଥିସହ ବିଭିନ୍ନ ଗାଡ଼ିକୁ ଅଟକାଇ ସିଟ୍‌ବେଲ୍ଟ ଏବଂ ହେଲମେଟ୍, ମଟର ସାଇକେଲରେ ତିନି ଜଣ ଯାତାୟାତ ନ କରିବା ଏବଂ ମଦ ପିଇ ଗାଡ଼ି ନ ଚଲେଇବା ଭଳି ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

**ଏମଭି ୭୯:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମଭି ୭୯ ସ୍ଥାନୀୟ ଡ. ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟ ଓ ରାଜ୍ୟ ସଡ଼କ ପରିବହନ ବିଭାଗର ଆହ୍ୱାନ କ୍ରମେ ସ୍ଥାନୀୟ ଥାନା ଅଧିକାରୀମାନଙ୍କ ସହଯୋଗରେ ସଡ଼କ ନିରାପତ୍ତା ସପ୍ତାହ ପାଳନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଡ. ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟର ପ୍ରାୟ ୩୦୦ ଶହ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେଇ ଏମଭି ୭୯ ସହର ପରିକ୍ରମା କରିଥିଲେ। ରାସ୍ତାରେ ଜନସାଧାରଣଙ୍କ ମଧ୍ୟରେ ହେଲମେଟ୍ ବ୍ୟବହାର ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଆଇଆଇସି ଶ୍ରୀ ସୁବାଷ କର୍କରା, ମାଲକାନଗିରି ଏମଭି ଆଇ ବନପ୍ରତାପ କୁଞ୍ଜ, ଅଧ୍ୟକ୍ଷ ଡ.ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟର ଡ. ପ୍ରଶାନ୍ତ କୁମାର ପାଢ଼ୀ, ଏମଭି ୭୯ ଥାନା ଅଧିକାରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବିଶଙ୍କର ବାରିକ, ଲୋକନାଥ ମହାକୁଡ଼, ସନ୍ତୋଷ ପ୍ରହରାଜ, ରିକି ବାରିକ, ଶରତଚନ୍ଦ୍ର ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ଆରମ୍ଭରେ ଆଇଆଇସି ଏମଭି ଆଇ ଅଧ୍ୟକ୍ଷ ସଡ଼କ ସଚେତନତା ସମ୍ପର୍କରେ ବୁଝାଇଥିଲେ।

# ଚାଉଳ ଓ ଗୁଆ ସଂଗ୍ରହ କରୁଛି ପରିକ୍ରମା ରଥ

**ଦୁର୍ଗୀ,୬।୧(ସମିସ):** ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତର ଦୁର୍ଗୀ ଜଗନ୍ନାଥ ମନ୍ଦିରଠାରୁ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ଦୁର୍ଗୀ ଗ୍ରାମରେ ଚାଉଳ ଓ ଗୁଆ ସଂଗ୍ରହ ନିମନ୍ତେ ପରିକ୍ରମା ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକାଙ୍କ ସଭାପତିତ୍ୱରେ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ରଥ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ କିଭଳି ପରିକ୍ରମା କରିବ ଏବଂ ସମସ୍ତେ ଏହାକୁ ସ୍ୱାଗତ କରିବାପାଇଁ ୱାର୍ଡର ୱାର୍ଡମେମ୍ବରମାନଙ୍କୁ ଅନୁରୋଧ କରିଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଏହି ପରିକ୍ରମା ଶନିବାରଠାରୁ ୬ ଦିନ ପର୍ଯ୍ୟନ୍ତ କିଭଳି ଭାବେ ୱାର୍ଡ ୱାର୍ଡକୁ ରଥ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରିବ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ ସାମଗ୍ରୀକୁ ପୁରୀକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଏହି ପରିକ୍ରମା ରଥରେ ସରପଞ୍ଚ ବିଜୟ କୁମୁରୁକା ସହ ସମସ୍ତ ୱାର୍ଡର ୱାର୍ଡ ମେମ୍ବରମାନେ ଦୁର୍ଗୀ ଜଗନ୍ନାଥ ମନ୍ଦିର କମିଟିର କର୍ମକର୍ତ୍ତା ମହାପ୍ରଭୁଙ୍କ ମହିମା ଗାନ କରି ଦୁର୍ଗୀ ସଂକୀର୍ତ୍ତନ ମଣ୍ଡଳି ଗାଁ ଗାଁ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରିବା ସହ ରଥ ପରିକ୍ରମାରେ ୬ ଦିନ ଯୋଗଦେବା ପାଇଁ ସହଯୋଗ କରି ପରିକ୍ରମା ଜାରି ରହିବ ବୋଲି କହିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଚାରରେ 'ଜୟ ଜଗନ୍ନାଥ ଅର୍ପଣ ରଥ'

**ଉମରକୋଟ,୬।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନକୁ ସାରା ବିଶ୍ୱରେ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଉମରକୋଟ ବ୍ଲକ୍ ପକ୍ଷରୁ ଚାରୋଟି ପଞ୍ଚାୟତରେ 'ଜୟ ଜଗନ୍ନାଥ ଅର୍ପଣ ରଥ' ବୁଲିବା ଆରମ୍ଭ କରିଛି। ଶନିବାର ଉମରକୋଟସ୍ଥିତ ଦାଢ଼ିଗୁଡ଼ା ଛକରୁ ଚାରୋଟି ପଞ୍ଚାୟତ ପାଇଁ ଚାରୋଟି ରଥ ବାହାରିଛି। ଏହାକୁ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତିରଞ୍ଜନ ରଥ ଓ ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଏହି ରଥ ଯିବ ଓ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରି ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ନିଆଯିବ। 'ଜୟ ଜଗନ୍ନାଥ ଅର୍ପଣ ରଥ' ଉମରକୋଟ ବ୍ଲକ ପରିଭ୍ରମଣ କରୁଥିବା ସମୟରେ ବଡ଼ ଭରଣ୍ଡି ପଞ୍ଚାୟତରେ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ମହାପ୍ରଭୁଙ୍କ ପାଇଁ ଚାଉଳ ଓ ଗୁଆ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି ରଞ୍ଜନ ରଥ ପରିଚାଳନା କରିଛନ୍ତି।



■ ସଫେଇକୁ ନେଇ ଲକ୍ଷ୍ମୀପୁରରେ ଚିନ୍ତା

# ଓଏମ୍‌ସି ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବି

**ଲକ୍ଷ୍ମୀପୁର,୬।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଏବେ ସଫେଇକୁ ନେଇ ଚିନ୍ତା ବଢ଼ୁଛି। ଯୁଆଡ଼େ ଦେଖିଲେ ଅଳିଆ ଗଦା ଛକ ମଝିରେ ପାହାଡ଼ ଭଳି ରହିଛି। ଫଳରେ ମୁଖ୍ୟରାସ୍ତାରେ ଦୁର୍ଗନ୍ଧ ସହ ଡ୍ରେନଗୁଡ଼ିକ ମଧ୍ୟ ଜାମ ହୋଇରହିଛି। ଗଳିକନ୍ଦିରେ ଥିବା ଅନେକ ସ୍ଥାନ ମଧ୍ୟ ଅନୁରୂପ ଅବସ୍ଥାରେ ରହିଛି। ଏହା ଦ୍ୱାରା ମଶା-ମାଛିର ସଂଖ୍ୟା ବଢ଼ି ବିଭିନ୍ନ ପ୍ରକାର ରୋଗ ଆକ୍ରମଣ ହେବାର ଆଶଙ୍କା ଅଧିକ ଦେଖାଦେଇଛି। ଏଭଳି ସ୍ଥିତିରେ ଲକ୍ଷ୍ମୀପୁର ସ୍ଥିତ ଓଏମ୍ସି ଦ୍ୱାରା ସଫେଇ ନିମନ୍ତେ ଆବଶ୍ୟକ ସ୍ଥାୟୀ କର୍ମଚାରୀ ନିଯୁକ୍ତି ନିମନ୍ତେ ସାଧାରଣରେ ଦାବି ହେଉଛି। ଲକ୍ଷ୍ମୀପୁରକୁ ଆହୁରି ସୁନ୍ଦର ଭାବରେ ସଜାଇବାକୁ ସ୍ଥାନୀୟ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଲକ୍ଷ୍ମୀପୁର ହେଉଛି ଏକ ଖଣି ଅଞ୍ଚଳ। ଏଠାରେ ଦେଶର ବିଭିନ୍ନ ରାଜ୍ୟ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କର୍ମଚାରୀ ଆସି ରହୁଛନ୍ତି। ଖଣି ଅଞ୍ଚଳ ହୋଇଥିବା ହେତୁ ଏଠାରେ ଜନଗହଳି ବଢ଼ିବା ସହିତ ବଜାରଘାଟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହି ଖଣି ଅଞ୍ଚଳରୁ ପ୍ରତିଦିନ ଅନେକ ରାଜସ୍ୱ ଆଦାୟ ହେଉଛି। ସେହି ରାଜସ୍ୱରେ ଲକ୍ଷ୍ମୀପୁରକୁ ଅତି ସୁନ୍ଦର ଭାବରେ ସଜାଇବା କଥା ଏବଂ ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ନିମନ୍ତେ ପାର୍କ ମଧ୍ୟ ନିର୍ମାଣ ହେବା କଥା। ଏହାକୁ ସୌନ୍ଦର୍ଯ୍ୟମୟ କରିବାକୁ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ରହିଛି। ଏନେଇ ବୁଦ୍ଧିଜୀବୀ ମହଲରେ ମତ ଜୋର୍ ଧରିଛି।

■ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

# ପରମ୍ପରା ଭାଙ୍ଗି ପରେଡରେ ବିଜେତାଙ୍କୁ ନୂତନ ସିଲ୍ଡ ପ୍ରଦାନ ନିଷ୍ପତ୍ତି

**ଜୟପୁର,୬।୧(ସମିସ):** ଜୟପୁରରେ ଉପଖଣ୍ଡସ୍ତରୀୟ ଆସନ୍ତା ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୌରସଂସ୍ଥାର ସମ୍ମିଳନୀ ଗୃହରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବରୁ ପ୍ରଚଳିତ ପୁରାତନ ସିଲ୍ଡକୁ ପରେଡ୍ ଶ୍ରେଷ୍ଠ ଦଳକୁ ପୁରସ୍କାର ସ୍ୱରୂପ ରନିଂ ସିଲ୍ଡ ବଦଳରେ ପ୍ରତ୍ୟେକ ବର୍ଷ ନୂତନ ଭାବେ ସିଲ୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବରୁ ରହିଥିବା ଅଧିକ ସଂଖ୍ୟକ ପରେଡ ଦଳକୁ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନସିସି, ସ୍କାଉଟ୍ସ ଓ ଗାଇଡ୍ସ ଦଳକୁ ଛାଡ଼ି ସିଭିଲ ଦଳକୁ ପରେଡରେ ସାମିଲ ନ କରିବାକୁ ବୈଠକରେ ଆଲୋଚନା ପରେ ଏହାକୁ ଅଧ୍ୟକ୍ଷତା କରୁଥିବା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରେଡ ଦଳରେ ସାମିଲ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଜଳଖିଆ, ପାଣି ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଆଡ଼ମ୍ବରରେ ଜୟପୁର ଦଶହରା ପଡ଼ିଆରେ ପୂର୍ବାହ୍ଣ ସାଢ଼େ ୮ଟାରୁ ଶୁଭାରମ୍ଭ ହେବ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର ଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଏବଂ ଅରବିନ୍ଦ ନଗରର ଛାତ୍ରଙ୍କ ଦ୍ୱାରା ଘୋଷ ବାଦ୍ୟ ପରିବେଷଣ କରାଯିବ। ସହରରେ ରହିଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବାହ୍ଣରେ ପୌରସଂସ୍ଥା ପକ୍ଷରୁ କରାଯିବ। ସ୍ଥାନୀୟ ଦଶହରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ପରେଡରେ ପଡ଼ିଆ ଏବଂ ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ସ୍ଥାନୀୟ ଟାଉନ ଥାନା, ସଦର, ମହିଳା ଥାନା ପୁଲିସ ଦାୟିତ୍ୱରେ ରହିବେ। ସେହିପରି ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ବୈଠକରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାଣି, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଯୋଗଦେଇଥିଲେ। ବୈଠକ ପରିଚାଳନା କରିଥିଲେ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୋନଜ ନାୟକ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ, ସ୍ୱାସ୍ଥ୍ୟ, ଅଗ୍ନିଶମ, ଶିକ୍ଷା, ପାନୀୟଜଳ ଯୋଗାଣ ବିଭାଗର ଅଧିକାରୀ ଏବଂ ସରକାରୀ ଓ ଘରୋଇ ବିଦ୍ୟାଳୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ସିଓ୍ୱାର ୨୬ତମ ପ୍ରତିଷ୍ଠା ଦିବସ

**ଜୟପୁର,୬।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଜଗନ୍ନାଥ ସାଗର ପାର୍ଶ୍ୱରେ ରହିଥିବା ଚିତ୍ତବିନୋଦନ ଉଦ୍ୟାନ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ସିଓ୍ୱା ଅନୁଷ୍ଠାନର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ସୁଧାକର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ଗତବର୍ଷ ବିଭିନ୍ନ ସମୟରେ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ପାଇଁ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ନିର୍ଣ୍ଣୟ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ପ୍ରତାପ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମାତ୍ର ୭ଜଣ ସଭ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ଆଜି ୭୦ ଜଣ ସଦସ୍ୟ ରହିଛନ୍ତି। ଏହା ଏକ ଦାୟିତ୍ୱବାନ ସଂଗଠନ ରୂପେ ନିଜର ଅସ୍ତିତ୍ୱକୁ ବଜାୟ ରଖିପାରିଛି ବୋଲି ପ୍ରତିଷ୍ଠାତା ସଭ୍ୟ ଶ୍ରୀ ପଟ୍ଟନାୟକ କହିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ଦଳେଇ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରଞ୍ଜିତ ନାୟକ ଅନୁଷ୍ଠାନର ବାର୍ଷିକ ଆୟ ଓ ବ୍ୟୟର ହିସାବ ରଖିଥିଲେ। ସିଓ୍ୱା ଅନୁଷ୍ଠାନ ବରିଷ୍ଠ ସଭ୍ୟମାନଙ୍କ ମଧ୍ୟରେ ଜି. ଭେଙ୍କଟ ରେଡ୍ଡି, ରମେଶ ସାହୁ, ମହିଳା ଶାଖାର ସଭାନେତ୍ରୀ ସୁମନ ମୁଦ୍ରା, ସମ୍ପାଦିକା ବିଜୟା ପାଣିଗ୍ରାହୀ ନିଜନିଜର ବକ୍ତବ୍ୟ ରଖିଥିଲେ। ଚଳିତ ବର୍ଷ ମଧ୍ୟ ସିଓ୍ୱା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ ଭାବେ ସ୍ୱାସ୍ଥ୍ୟସେବା ପାଇଁ ନେମଲିନ୍ ହେମ୍ବ୍ରମ, ଶିକ୍ଷାକ୍ଷେତ୍ରରେ ଅବଦାନ ରାଇଁ ଦେବୀ ମିଶ୍ରଙ୍କୁ ଏବଂ ପରିବେଶ ସୁରକ୍ଷା ନିମନ୍ତେ କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଅଜୟ ମିଶ୍ର ସଂଯୋଜନା କରିଥିଲେ। ଉତ୍ସବରେ ସମ୍ପଦା ମିଶ୍ର ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିବାବେଳେ ଅନୁଷ୍ଠାନର ସଭ୍ୟମାନଙ୍କ ମଧ୍ୟରେ ଶଶିଧର ପଟ୍ଟନାୟକ, ଧରମା ରାଓ, ଗୋପାଳ ଚନ୍ଦ୍ର ସାହୁ, କୁମାରୀ ଭାବନା ପଟ୍ଟନାୟକ, ବିଜୟଲକ୍ଷ୍ମୀ ପାଣି, ମାମାଲି ନାୟକ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କୁମାରୀ ମୌତ୍ରୀ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସିଓ୍ୱା ଅନୁଷ୍ଠାନର ଉତ୍ତମ ସଭ୍ୟ ଭାବେ ଅନୁଷ୍ଠାନ କୋଷାଧ୍ୟକ୍ଷ ରଞ୍ଜିତ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।




# ସତ୍ୟ ସାଇ ସେବା ସମିତି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଚିତ୍ରକୋଣ୍ଡା,୬।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ଚିତ୍ରକୋଣ୍ଡା ଶିବମନ୍ଦିର ଏବଂ ଆଖପାଖ ଅଞ୍ଚଳ, ଚର୍ଚ୍ଚ, ହାଇସ୍କୁଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ସତ୍ୟସାଇ ସେବା ସମିତି ସଂଯୋଜକ ଏମ୍ ଶ୍ରୀନିବାସ ନାୟକ ପରିଚାଳନା କରିଥିଲେ। ସଫେଇ କାର୍ଯ୍ୟ ଆରମ୍ଭ ପୂର୍ବରୁ ସିନିୟର ଡିଭୋଟି ଏମ୍ ଚିରଞ୍ଜିବି ଲୁ ସଭ୍ୟଙ୍କ ଗ୍ରହଣରେ ପାର୍ଥନା କରି ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘଦିନ ହେବ ଅପରିଷ୍କାର ହୋଇ ପଡ଼ିଥିବା ଶିବମନ୍ଦିର ରାସ୍ତା ଓ ତାର ଆଖ ପାଖ ଅଞ୍ଚଳକୁ ସଫା କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ସତ୍ୟସାଇ ସେବା ସମିତିର ୨୫ରୁ ଊର୍ଦ୍ଧ୍ୱ ସଦସ୍ୟ ଭାଗ ନେଇଥିଲେ। ସତ୍ୟ ସାଇବାବା ସେବା ସମିତି ଚିତ୍ରକୋଣ୍ଡା ପକ୍ଷରୁ ପ୍ରତିବର୍ଷ ଏହିଭଳି ସଫେଇ କାର୍ଯ୍ୟକ୍ରମ ଚିତ୍ରକୋଣ୍ଡା ସଦରମହକୁମାର ବିଭିନ୍ନ ସ୍ଥାନରେ କରାଯାଉଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଝରାବାହାଲ ସ୍ଥିତ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ

**ଚନ୍ଦାହାଣ୍ଡି,୬।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଶରଧାପୁର ପଞ୍ଚାୟତ ଅନ୍ତର୍ଗତ ଝରାବାହାଲରେ ନିର୍ମାଣ ହେଉଥିବା ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ କରାଯାଇଛି। ଯାଦବ ସମାଜ ଆନୁକୂଲ୍ୟରେ ଏବଂ ଯାଦବ ସମାଜ ସଭାପତି ଜଗଦିଶ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରତ୍ନମୁଦ କାର୍ଯ୍ୟକ୍ରମରେ ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ, ଓଏଲଆଇସି ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଚାରିଗଡ଼ ଯାଦବ ସମାଜ ସଭାପତି କେନୁରାମ ଯାଦବ, ସମ୍ପାଦକ ହଳଧର ଯାଦବ, ଜିଲ୍ଲା ଯୁବ ଯାଦବ ସମାଜ ସଭାପତି ନବଘନ ଗୌଡ଼, ସମିତିସଭ୍ୟା କ୍ଷୀରଦେଇ ଚଣ୍ଡୀ, ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ ଓ ରାଧାକୃଷ୍ଣ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୌରହରି ନାୟକ, ବଳରାମ ପଟ୍ଟନାୟକ, ତ୍ରିନାଥ ଦାଶ, ସରପଞ୍ଚ ଦୁଲବ ପୂଜାରୀ, ପୁରୁଷୋତ୍ତମ ପାରି, କିଶୋର ଖମାରି, ଝୁମୁକଲାଲ ସାହୁ, ହର ପୂଜାରୀ ଓ ଯାଦବ ସମାଜର ପ୍ରମୁଖ ବ୍ୟକ୍ତିବିଶେଷ ଅକ୍ଷୟ ଗୋପାଳ, ସଭାସିଂ ପୋଡ଼, ଘନଶ୍ୟାମ କଟା, ନୀଳମଣି ଗୌଡ଼, କମଲୁ ମନହିରାଙ୍କ ସମେତ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଅଳିଆ ଆବର୍ଜନାରେ ଭର୍ତ୍ତି ଚିତ୍ରକୋଣ୍ଡା ବାଲିମେଳା ମୁଖ୍ୟରାସ୍ତା

**ଚିତ୍ରକୋଣ୍ଡା,୬।୧(ସମିସ)**



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାଠାରୁ ବାଲିମେଳା ମୁଖ୍ୟରାସ୍ତା ବ୍ଲକ୍ ଅଫିସଠାରୁ ଆରମ୍ଭ କରି ଓସିସି କଲୋନୀ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ କୁଢ଼କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ପଡ଼ିରହିଛି। ରାସ୍ତାକଡ଼ରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ରାସ୍ତାରେ ଯିବାଆସିବା ସମୟରେ ଦୁର୍ଗନ୍ଧରେ ନାକ ଫାଟିଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତିଦିନ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ମାଲକାନଗିରି ଜିଲ୍ଲା ସମେତ ଜିଲ୍ଲା ବାହାରୁ ଓ ରାଜ୍ୟ ବାହାରୁ ଚିତ୍ରକୋଣ୍ଡା ଅଞ୍ଚଳକୁ ବୁଲିବାକୁ ଆସୁଥିବା ଦେଖିବାକୁ ମିଳୁଛି। ଚିତ୍ରକୋଣ୍ଡା ଅଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ହୋଇଥିଲେ କଣ ହବ ରାସ୍ତା କଡ଼ରେ ଏହିପରି ଭାବରେ ଅଳିଆ ଆବର୍ଜନା ଦେଖି ପର୍ଯ୍ୟଟକଙ୍କ ମନ ଫିକା ହୋଇଯାଉଛି। କଥାରେ ଅଛି ଗାଁ ସୁନ୍ଦର ଧୋବା ତୁଠରୁ। ଏହି ପରି ରାସ୍ତା କଡ଼ରେ କୁଢ଼କୁଢ଼ ଅଳିଆ ଆବର୍ଜନା ଦେଖି ପର୍ଯ୍ୟଟକଙ୍କ ମନରେ ଚିତ୍ରକୋଣ୍ଡା ପ୍ରତି କିପରି ଭାବନା ସୃଷ୍ଟି ହେଉଥିବା ତାହା ଅନୁମେୟ। ଚିତ୍ରକୋଣ୍ଡା ବ୍ଲକ୍, ଥାନାଠାରୁ ୫୦୦ ମିଟର ଦୂରରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଦେଇ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ସମସ୍ତ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଚିତ୍ରକୋଣ୍ଡା ସଦର ମହକୁମାରେ ସ୍ୱତନ୍ତ୍ର ଆମିଷ ବଜାର ନଥିବାରୁ ଆମିଷ ବ୍ୟବସାୟୀମାନେ କଟା ଯାଇଥିବା କୁକୁଡ଼ାର ଅବଶିଷ୍ଟ ଅଂଶ ରାସ୍ତା କଡ଼ରେ ପକାଉଛନ୍ତି। ମାଛ ବେପାରୀମାନେ ମାଛର ଅବଶିଷ୍ଟାଂଶ ରାସ୍ତା କଡ଼ରେ ଫିଙ୍ଗୁଛନ୍ତି ଯାହାଫଳରେ ରାସ୍ତାକଡ଼ ଗନ୍ଧରେ ଫାଟି ପଡ଼ୁଛି। ଏଠାରୁ ଅଳିଆ ଉଠାଇବା ବ୍ୟବସ୍ଥା କରିବା ସହ ଆଉ କିପରି ରାସ୍ତାକଡ଼ରେ ଅଳିଆ ଆବର୍ଜନା ପଡ଼ିବନାହିଁ ସେହି ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହାସହ ଚିତ୍ରକୋଣ୍ଡାରେ ଘରୁ ବାହାରୁଥିବା ଅଳିଆ ଆବର୍ଜନା ମାର୍କେଟରୁ ବାହାରୁଥିବା ଅଳିଆ ଆବର୍ଜନା ପକାଇବା ପାଇଁ ସ୍ୱତନ୍ତ୍ର ଭାବରେ କୌଣସି ବି ସ୍ଥାନ ନିରୂପଣ କରାଯାଇନାହିଁ। ଫଳରେ ସେସବୁ ଅଳିଆ ଆବର୍ଜନା ରାସ୍ତା କଡ଼ରେ ପଡୁଛି। ଅଳିଆ ଆବର୍ଜନା ପକାଇବାପାଇଁ ଚିତ୍ରକୋଣ୍ଡା ପଞ୍ଚାୟତରେ ଜାଗା ଚିହ୍ନଟ କରାଯାଇ ଡମ୍ପିଂୟାର୍ଡ୍ ବନେଇବା ବ୍ୟବସ୍ଥା। ଲୋକଙ୍କ ଘରୁ ଏବଂ ମାର୍କେଟ ଅଞ୍ଚଳରୁ ବାହାରୁଥିବା ଅଳିଆ ଆବର୍ଜନା ନେବାପାଇଁ ଆବର୍ଜନା ଉଠା ଗାଡ଼ି ବ୍ୟବସ୍ଥା କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




**ଚନ୍ଦ୍ରପୁର,୬।୧(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଖେଳପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍ବାକା ଯୋଗ ଦେଇଥିବାବେଳେସଭାପତି ଓ ମୁଖ୍ୟବକ୍ତା ଭାବେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ,ସମ୍ମାନିତ ଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର,କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କିର୍ଷାନୀ, ସିପି ଗୋପୀନାଥ ମହାନକୁଡ଼, କେଶିର ସୁମାଲିଆ ରାଇକା, ଥମାସ ଦଳବେହେରା ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୪ଟି କବାଡ଼ି ଦଳ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିଲେ। ଏହି ୪ଟି ଦଳରୁ ଶନିବାର ୨ ଟି ଦଳ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରବିବାର ଆଉ ଦୁଇଟି ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ଏହି କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଏହି ପ୍ରତିଯୋଗିତାକୁ ସ୍କୁଲର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

